52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 116 | Brahmapur | Tuesday 09 June 2026 | ବର୍ଷ: ୪୫/ ଅଙ୍କ: ୧୧୬ | ମଙ ଳବାର ୯ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୫.୫.୦୦


# ରଥ ଉପରକୁ ଉଠିଲା ୬ କାଠ

ପୁରୀ, ୮।୬ : ୪୯ ଦିନରେ ଚଳଚଞ୍ଚଳ ରଥଖଳା । ଆଜି ରଥ ଉପରକୁ ଉଠିଛି, ଛଅ କାଠ ।ଭୋଇ ସେବକ ପକାଇଛନ୍ତି ଚତୁର୍ଥ ହରିବୋଲ୍ ।୨୦୪ ସେବକଙ୍କ ଉପସ୍ଥିତିରେ ଚାଲିଛି ନିର୍ମାଣ କାର୍ଯ୍ୟ ।ତିନି ରଥରେ ରଥରେ ଛନ୍ଦ ଗୟଳ ମୋଡା କାର୍ଯ୍ୟ ଶେଷ ହୋଇ ଯୋଖା ସରିଥିଲା।ଛ କାଠି ଉଠିବା ପରେ ଭୋଇ ସେବକ ମାନେ ଚତୁର୍ଥ ହରିବୋଲ ଦେଇଛନ୍ତି ।ଏହାପରେ ଭୂଇଁ ସଂଯୋଗ ସହ ଚଉଦ ନାହାକା ଉଠିବ । ଚଳିତ ବର୍ଷ ଜ୍ୟେଷ୍ଠ ମାସରେ ମଳ ମାସ ବା ଅତିରିକ୍ତ ମାସ ଯୋଗ ହୋଇଥିବା ଯୋଗୁଁ ଏଥର ସଅଳ ଚାଲିଛି ନିର୍ମାଣ କାର୍ଯ୍ୟ । ସେପଟେ ରୂପକାର ସେବକ ମାନେ,ତିନିରଥର ବେଦୀ ସିଂହାସନ ମୁହାଁଟିରେ ଚିତ୍ର ରୂପ ଖୋଦେଇ ଶେଷ କରିବା ସହ ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଶେଷ କରିଛନ୍ତି ।, ତିନିରଥର ୮ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରହିଛି।ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକ ମାନେ ଯୋକା କଣ୍ଢା ଶେଷ କରି ଭୂଇଁ କଣ୍ଢା, ପୋଟଳ କଣ୍ଢା ନିର୍ମାଣ ଜାରୀ ରଖିଛନ୍ତି। ସେପଟେ ଗୁଳୁଗୁଳି ରେ କାମ ଚାଲିଥିବା ବେଳେ କେନ୍ଦ୍ରାଞ୍ଚଳ ପୋଲିସ,ଆଇ ଜି ରଥ ନିର୍ମାଣ ସମୀକ୍ଷା କରିଛନ୍ତି ।ରଥ ନିର୍ମାଣ,ରଥ ଟଣା,ମୋଡ,ବ୍ରେକ ଇତ୍ୟାଦି ବିଷୟରେ ରଥ ମହାରଣା ଓ ଭୋଇ ସେବକଙ୍କ ସହ ଆଲୋଚନା କରିଛନ୍ତି ।ଅନ୍ୟପଟରେ ରଥଖଳାରେ ଘୋଳ ଦହି ବାଣ୍ଟିଛନ୍ତି ଆଇଜି ।

# ସେନ୍‌ସେକ୍ସରେ ୭୧୯ ପଏଣ୍ଟ ହ୍ରାସ

ମୟାଇ, ୮।୬ : ଇରାନ ଯୁଦ୍ଧକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେବା ପରେ ଦେଶର ଦୁଇ ଷ୍ଟକ୍ ବଜାରରେ ଆଜି କାରବାର ପ୍ରଭାବିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୭୧୯ ପଏଣ୍ଟ ହ୍ରାସ ପାଇ ୭୩,୫୨୪ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୨୪୪ ପଏଣ୍ଟ୍ ହ୍ରାସ ପାଇ ୨୩,୧୨୩ ପଏଣ୍ଟରେ ବନ୍ଦ ହୋଇଛି। ଆଜି ନିବେଶକମାନେ ସୂଚନା ପ୍ରଯୁକ୍ତି, ରିଅଲ ଇଷ୍ଟେଟ୍ ଓ ଧାତବ କ୍ଷେତ୍ର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି କରିଥିଲେ। ମ୍ୟାକ୍ସ ହେଲ୍‌ଥକେୟାର, ପାୱାରଗ୍ରିଡ୍ ଓ ଏୟାରଟେଲ୍ ସେୟାର ମୂଲ୍ୟରେ ଆଜି ଅଧିକ ବୃଦ୍ଧି ହୋଇଥିଲା। ୱିପ୍ରୋ, ଜିଓ ଫିନ୍ ଓ ଜୋମାଟୋ ସେୟାର ମୂଲ୍ୟ ହ୍ରାସ ପାଇଥିଲା। ଗତ ଏପ୍ରିଲ୍‌ରେ ଯୁଦ୍ଧବିରତି ଘୋଷଣା ହେବା ପରଠାରୁ ପ୍ରଥମ ଥର ପାଇଁ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ହୋଇଛି। ଇସ୍ରାଏଲ୍ ପକ୍ଷରୁ ପଶ୍ଚିମ ଓ ମଧ୍ୟ ଇରାନ ଉପରେ ଆକ୍ରମଣ କରାଯାଇଥିଲା। ସେହି ଖବର ପ୍ରକାଶ ପାଇବା ପରେ ଅଶୋଧିତ ତୈଳ ଦରରେ ବୃଦ୍ଧି ହୋଇଥିଲା। ଏଥି ସହିତ ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଥିଲା।

## ମୟୂରଭଞ୍ଜରେ ବିକାଶର ମହାଯଜ୍ଞ

# ୬୫୦ ଶଯ୍ୟାର ନୂଆ ଟିଚିଙ୍ଗ୍ ହସ୍ପିଟାଲ ଲୋକାର୍ପିତ

### ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲର ନୂତନ ବିଲ୍‌ଡିଂ ଭେଟି

### ୩୯ଟି ପ୍ରକଳ୍ପର ଶୁଭାରମ୍ଭ, ୧୦୦ କୋଟିର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

### ଶେଷ ଧାଡ଼ିର ଗରିବ ଓ ଜନଜାତିଙ୍କ ସେବା ହିଁ ପ୍ରକୃତ ସେବା: ମୁଖ୍ୟମନ୍ତ୍ରୀ

ବାରିପଦା,୮।୬ (ଆନିସ) : ମୟୂରଭଞ୍ଜ ଏବଂ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ବାରିପଦା ଗସ୍ତରେ ଆସି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁଧାର ଆସିବ, ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି।ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି। ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି, ଯାହା ଦ୍ୱାରା ଏହି ସବୁ ଅଞ୍ଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ। ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାବାସୀଙ୍କୁ ସମସ୍ତ ମୌଳିକ ସେବା ଯୋଗାଇଦେବାରେ ସହାୟକ ହେବ। ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ବିଲ୍‌ଡିଂର ଲୋକାର୍ପଣ। ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତ୍ତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ। ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଏହି ନୂତନ ଟିଚିଙ୍ଗ୍ ହସ୍ପିଟାଲ କେବଳ ମୟୂରଭଞ୍ଜର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ ନାହିଁ, ବରଂ ପଡ଼ୋଶୀ ଜିଲ୍ଲା, ପଡ଼ୋଶୀ ରାଜ୍ୟ ଏବଂ ଆଖପାଖର ଜନଜାତି ଅଞ୍ଚଳର ରୋଗୀମାନଙ୍କୁ ମଧ୍ୟ ବହୁଳ ଭାବେ ଉପକୃତ କରିବ। ବୃଦ୍ଧି ପାଇଥିବା ଶଯ୍ୟା ସଂଖ୍ୟା, ବିଶେଷଜ୍ଞ ଚିକିତ୍ସା ସୁବିଧା ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗୁ ଏହା ଉତ୍ତର ଓଡ଼ିଶାର ଏକ ପ୍ରମୁଖ ରେଫରାଲ୍ ସେଣ୍ଟର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଯେଉଁ ଉନ୍ନତ ଚିକିତ୍ସା ସେବା ପାଇଁ ପୂର୍ବରୁ ଲୋକମାନଙ୍କୁ ଦୂର ସହରକୁ ଯିବାକୁ ପଡ଼ୁଥିଲା, ସେହି ସେବା ଏବେ ଘର ନିକଟରେ ଉପଲବ୍ଧ ହେବ, ଯାହାଦ୍ୱାରା ରୋଗୀଙ୍କ ପରିବାରର ଆର୍ଥିକ ଓ ଶାରିରୀକ କଷ୍ଟ ଦୂର ହେବା ସହିତ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ। ମୟୂରଭଞ୍ଜ ଜିଲ୍ଲାରେ ବହୁ ସଂଖ୍ୟାରେ ଜନଜାତି ଭାଇ ଭଉଣୀ ବାସ କରୁଥିବାରୁ କମ୍ୟୁନିଟି ହେଲ୍‌ଥ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ଗବେଷଣା ଏବଂ ଜନଜାତି ବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି ମେଡିକାଲ କଲେଜ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି।ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ– ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନର ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯାଇଛି। ଗତ ଫେବୃଆରୀ ମାସରେ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଯାଇଥିବା ବେଳେ ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ। ସେହିପରି ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି, ରାୟଗଡାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ସହିତ ନୟାଗଡ ଓ ନୂଆପଡାରେ ୨ଟି ନୂଆ ହୋମିଓପାଥିକ ମେଡିକାଲ କଲେଜ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଁଲେ ।ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡାକ୍ତରୀ କେବଳ ଏକ ବୃତ୍ତି ବା ଜୀବିକା ନୁହେଁ, ଏହା ଏକ ପବିତ୍ରଈଶ୍ୱରୀୟ ବ୍ରତ। ସମାଜ ଡାକ୍ତରମାନଙ୍କୁ ଭଗବାନଙ୍କ ଦ୍ୱିତୀୟ ରୂପ ଭାବେ ଗ୍ରହଣ କରିଥାଏ, କାରଣ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଜୀବନକୁ ସୁରକ୍ଷିତ ରଖିବାର ଦାୟିତ୍ୱ ସେମାନଙ୍କ ହାତରେ ଥାଏ। ଡାକ୍ତରଙ୍କ ଷ୍ଟେଥୋସ୍କୋପ୍ ଏବଂ କଲମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଅସୀମ ଶକ୍ତି ରହିଛି ଏବଂ ମୁମୂର୍ଷୁ ରୋଗୀର ଆଖିରୁ ଲୁହ ପୋଛିବା ହିଁ ଜଣେ ଚିକିତ୍ସକଙ୍କ ଜୀବନର ସବୁଠାରୁ ବଡ଼ ସଫଳତା। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ମହାନ ସମାଜ ସଂସ୍କାରକ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତ୍ୟାଗ ଓ ଆଦର୍ଶକୁ ମନେ ପକାଇଥିଲେ। ସେ କହିଥିଲେ ଯେ ମୟୂରଭଞ୍ଜ ହେଉଛି ସରଳ ଓ ନିଷ୍ପଟ ଜନଜାତି ଭାଇଭଉଣୀଙ୍କ ମାଟି। ତେଣୁ ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରୁଥିବା ଭବିଷ୍ୟତର ଡାକ୍ତରମାନେ ପାଠପଢ଼ା ଶେଷ କରିବା ପରେ ସମାଜର ସବୁଠାରୁ ଶେଷ ଧାଡ଼ିରେ ଥିବା ଗରିବ, ଦଳିତ, ଅବହେଳିତ ଏବଂ ବୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ।ସନାତନ ସଂସ୍କୃତିର ସେବା ହିଁ ପରମ ଧର୍ମ ବାର୍ତ୍ତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରକୃତ ଡାକ୍ତରୀ ଶିକ୍ଷା ହେଉଛି ବିଜ୍ଞାନ ଓ କାରୁଣ୍ୟର ଏକ ଅପୂର୍ବ ସମନ୍ୱୟ। ଆଧୁନିକ ମେଡିକାଲ ଯନ୍ତ୍ରପାତି ରୋଗୀର କଷ୍ଟ ବୁଝିପାରେ ନାହିଁ, ମାତ୍ର ଡାକ୍ତରଙ୍କ ମୁହଁର ମିଠା କଥା ଓ ସହାନୁଭୂତିପୂର୍ଣ୍ଣ ବ୍ୟବହାର ରୋଗୀକୁ ଆନ୍ତରିକ ସୁସ୍ଥତା ପ୍ରଦାନ କରେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହ ସେମାନେ ଓଡ଼ିଶାକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିବାର ପ୍ରଧାନ ସାରଥୀ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ସମାରୋହରେ ଯୋଗ ଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରି କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର ପ୍ରଗତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ହାତଖୋଲି ସାହାଯ୍ୟର ହାତ ବଢ଼େଇଛନ୍ତି।

# ଜି ଉଦୟଗିରୀରେ ୨୨ଟି କିଆ ହାତୀଙ୍କ ଆତଙ୍କ

ଫୁଲବାଣୀ, ୮।୬ (ଆନିସ): କନ୍ଧମାଳ ଜିଲ୍ଲା ଜି ଉଦୟଗିରି ଅଞ୍ଚଳ ରୁ ହାତୀ ପଲ ହଟିବା ର ନାଁ ଧରୁନାହାନ୍ତି ହାତୀ ପଲ ଅଞ୍ଚଳ ର ଫସଲ ନଷ୍ଟ କରିବା ସହ ସହର ମଧ୍ୟରେ ପଶୁଥିବା ରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ଏହି ହାତୀପଲ ମଧ୍ୟରେ ୩ଟି ଦନ୍ତା, ୧୦ଟି ମାଇ ହାତୀ, ଓ ୮ଟି ହା ତୀ ଛୁଆ ଥିବାର ଜଣାପଡିଛି ଏହି ହାତୀ ପଲ ଜଙ୍ଗଲ ରୁ ଆସୁ, ପଣସ, ଆଦି ଖାଇବା ପାଇଁ ଏହି ଅଞ୍ଚଳ କୁ ଆସି ଡେରା ପକାଇ ଥିବା କୁହାଯାଇଛି । ହାତୀ ପଲ ଜଙ୍ଗଲ ରେ ବୁଲାବୁଲି କରୁଥିବାରୁ ଆଖ ପାଖ ଗ୍ରାମର ଲୋକେ ଜଙ୍ଗଲ ଭିତରକୁ ଆମ୍ବ, ପଣସ, ଜାମୁକୋଳି, ଖଜୁରୀ କୋଳି, ଡାଳ ଆଦି ସଂଗ୍ରହ କରିବା ପାଇଁ ଯାଉନାହାଁନ୍ତି ମହିଳା ମାନେ ଜଙ୍ଗଲ ରୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ତାକୁ ବିକ୍ରୀ କରି ଜୀବିକା ନିର୍ବାହ କରୁଥିଲେ । ତାହା ଏବେ ବନ୍ଦ ରହିଛି ଫଳରେ ସେମାନଙ୍କ ଜୀବନ ଜୀବିକା ବିପନ୍ନ ହୋଇପଡ଼ିଛି । ଜି ଉଦୟଗିରୀ ର ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ ଜଣେ ମହିଳା ଅଧିକାରୀ ହୋଇଥିଲେ ମଧ୍ୟ ଭୟ ନ କରି ଯୋଶର ସହ ଦିନ ରାତି ଅକ୍ଲାନ୍ତ ପରିଶ୍ରମ କରି ଅଧସ୍ତନ କର୍ମଚାରୀ ଙ୍କୁ ଧରି ଜଙ୍ଗଲ ଯାଇ ହାତୀ ପଲ କୁ ଘଉଡ଼ାଇବା ପାଇଁ ଉଦ୍ୟମ କରୁଥିବା ଦେଖିବକୁ ମିଳିଛି ରେଞ୍ଜ ଅଫିସର ଭାବେ ଜି ଉଦୟଗିରୀ ରେଞ୍ଜ ରେ ଦାୟିତ୍ୱ ଗ୍ରହଣ କରିବା ପରଠୁ ହାତୀ ପଲ ସଂପୃକ୍ତ ଅଞ୍ଚଳକୁ ଆସି ଡେରା ପକାଇଛି । ତାଙ୍କର ନିଷ୍ଠାପର ଉଦ୍ୟମ, ଆନ୍ତରିକତା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ ହାତୀ ପଲ ଙ୍କୁ ଘଉ ଡାଇବାରେ ସକ୍ଷମ ହେଉଛନ୍ତ । ତେବେ ହାତୀ ପଲ ପୁଣି ନିକଟସ୍ଥ ଭଞ୍ଜନଗର ଜଙ୍ଗଲ ବିଭାଗ ଡ଼ିଭିଜନ ଗଲେରି, ରମ୍ଭା ଆଦି ବିଭିନ୍ନ ଜଙ୍ଗଲ ରୁ ଖାଦ୍ୟ ଅନ୍ୱେଷଣ ରେ ଚାଲି ଆସୁଥିବା କୁହାଯାଉଛି । ତେବେ ବିଭାଗ ର କିଛି ଅଧସ୍ତନ କର୍ମଚାରୀ ଙ୍କୁ ସହଯୋଗ କରୁନଥିବା ଶୁଣିବାକୁ ମିଳୁଛି ଜି ଉଦୟଗିରି ରେଞ୍ଜ ଅଫିସ କୁ ଅଧିକ ସଂଖ୍ୟକ ଦକ୍ଷ କର୍ମଚାରୀ, ପେଟ୍ର ଲିଂ ସ୍କାର୍ଡ, ଯୋଗାଇ ଦେଲେ ହାତୀ ପଲ କୁ ଘଉଡ଼ାଇବା ରେ ସକ୍ଷମ ହେବ ବୋଲି ପରିବେଶବିତ ଓ ପ୍ରାଣୀ ବିଶେଷଜ୍ଞ ମତ ଦେଇଛନ୍ତି ।

## ଲକ୍ଷପତି ଦିଦି ହେବେ କୋଟିପତି

# ମିଶନ ଶକ୍ତି ମହିଳାଙ୍କୁ ଟେକ୍ନୋଲୋଜି ଶିଖାଇବ ଆଇଆଇଟି

ଭୁବନେଶ୍ୱର, ୮।୬: ମିଶନ ଶକ୍ତି ମହିଳାଙ୍କୁ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଏବେ ମିଶନ ଶକ୍ତିର ଦିଦିମାନେ କେବଳ ଉତ୍ପାଦନରେ ରୁହେଁ, ବରଂ ଟେକ୍ନୋଲୋଜି, ବ୍ୟବସାୟ ପରିଚାଳନା ଓ ବଜାରଜାତକରଣରେ ମଧ୍ୟ ପାରଦର୍ଶୀ ହେବେ। ଏଥିପାଇଁ ଓଡ଼ିଶା ଜୀବିକା ମିଶନ ଓ ଭୁବନେଶ୍ୱର ଆଇଆଇଟି ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।ଭୁବନେଶ୍ୱରର ମିଶନ ଶକ୍ତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ଥିଲେ। ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କରମାକର ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ସହଯୋଗ ମାଧ୍ୟମରେ ଆଗାମୀ ତିନି ବର୍ଷ ମଧ୍ୟରେ ରାଜ୍ୟର ୧୫୦ ଜଣ ଲକ୍ଷପତି ଦିଦିଙ୍କୁ କୋଟିପତି ଉଦ୍ୟୋଗୀରେ ପରିଣତ କରିବା ଲକ୍ଷ୍ୟ ରଖାଯାଇଛି। ଆଇଆଇଟିର ପ୍ରଫେସର ଓ ବିଶେଷଜ୍ଞମାନେ ମହିଳାଙ୍କୁ ବ

# ହିନ୍ଦୁ ଦୁଧ ଖଡିଆ ସମାଜର ବାର୍ଷିକ ସାଧାରଣ ଅଧିବେଶନ

ସୁନ୍ଦରଗଡ଼,୮/୦୬(ଆନିସ): ସଦର ବ୍ଲକର କିରୋଇ ଠାରେ ହିନ୍ଦୁ ଦୁଧ ଖଡିଆ ସମାଜର ସଭାପତି ଯଶୋଦା ବାଘୁଆରଙ୍କ ସଭାପତିତ୍ୱରେ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସଦର ଜିଲ୍ଲାପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଭିଏସଏସ ମେଡିକାଲ କଲେଜର ପ୍ରଫେସର ଡ.ସମୀର କିରୋ, କୁଡ଼ା ବ୍ଲକର ଶିକ୍ଷୟିତ୍ରୀ କୁସୁମ କେର୍କେଟା, ଶିକ୍ଷକ କିଶୋର ସୋରେନ ଯୋଗ ଦେଇଥିଲେ। ପ୍ରଥମେ ସଭାପତି ଶ୍ରୀମତୀ ବାଘୁଆର ଅତିଥି ଓ ମାନ୍ୟଗଣ୍ୟ ଅତିଥିମାନଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇ ଉତ୍ତରୀୟ ଓ ଫୁଲତୋଡା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ସିଂହ ତାଙ୍କ ବକ୍ତବ୍ୟ ରେ ଆଦିବାସୀ ହେଉଛନ୍ତି ଦେଶର ମୂଳବାସୀ ଅଟନ୍ତି। ସରକାର ଆଦିବାସୀ ମାନଙ୍କ ପାଇଁ ଅନେକ ଗୁଡିଏ ଯୋଜନା ଗୁଡିକ କରୁଛନ୍ତି। ନିଜ ଭାଷା, ଐତିହ ,ପରମ୍ପରାରେ ସମାଜକୁ ଏକତ୍ରିତ କରି ରଖିବାକୁ ହେବ।

ଶିକ୍ଷା କ୍ଷେତ୍ରରେ ପରିଶ୍ରମ କରି ନିଜେ ଶିକ୍ଷିତ ହେବା ସହିତ ସମାଜକୁ ମଧ୍ୟ ଶିକ୍ଷିତ କରିବା ପାଇଁ ପ୍ରଚେଷ୍ଟିତ ହେବାକୁ ପଡିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ. ଶ୍ରୀ କିରୋ ତାଙ୍କ ଅଭିଭାଷଣରେ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ ଓ ଶିକ୍ଷା ହେଉଛି ଏପରି ଏକ ମାଧ୍ୟମ ଯାହାଦ୍ୱାରା ଆମେ ନିଜକୁ ଆଗକୁ ବଢାଇବା ସହିତ ସମାଜକୁ ଆଗକୁ ବଢାଇ ପାରିବା। ପାଠ ପଢିବା ନିଜ ଲକ୍ଷ୍ୟ ଧାର୍ଯ୍ୟ କରିବା ସହିତ କଠିନ ପରିଶ୍ରମ କରିବାକୁ ପଡିବ। ଶ୍ରୀମତୀ ଟେଟେ ଖଡିଆ ଭାଷାରେ ଅଭିଭାଷଣ ରଖି କହିଥିଲେ, ନିଜ ଭାଷା ସଂସ୍କୃତି ପରମ୍ପରାକୁ ଗୁରୁତ୍ୱ ଦେଇଥିଲେ ଓ ଅନ୍ଧବିଶ୍ୱାସରୁ ଦୁରେଇ ରହିବାକୁ କହିଥିଲେ। ଏହି ସମାରୋହ କାର୍ଯ୍ୟକ୍ରମରେ ହିନ୍ଦୁ ଦୁଧ ଖଡିଆ ସମାଜ ମହାସଂଘ ବୋର୍ଡର ସମସ୍ତ ସଭ୍ୟ ସଭ୍ୟା ସମେତ ୭ଟି ବ୍ଲକର ୧୦ଟି ଗୁଡିର ସମସ୍ତ ସଭାପତି, ପଦାଧିକାରୀ, ସଦସ୍ୟ ଯୋଗଦାନ କରିଥିଲେ।

# ବରପାଲି ଶୀତଳ ଷଷ୍ଠୀ ଯାତ୍ରା ପ୍ରେସ ମିଟ

ବରଗଡ, ୮।୬ (ଆନିସ):ଆସନ୍ତା ଜୁନ ୧୫ ତାରିଖରୁ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲା ବରପାଲିରେ ୧୪୯ତମ ବାବା କପିଳେଶ୍ୱରଙ୍କ ବିଶ୍ୱ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ବରପାଲିରେ ବ୍ୟାପକ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଚଳିତ ବର୍ଷ ଦେଶଁର ପଶ୍ଚିମବଙ୍ଗ, କେରଳ, ଆସାମ ଆଦି ପଡ଼ୋଶୀ ରାଜ୍ୟ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୫୦୦ କଳାକାରଙ୍କ ମହାମିଳନ ହେବ । ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବରେ ଚଳିତ ବର୍ଷ ଏକ କୋଟି ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁଙ୍କ ଆଗମନକୁ ନେଇ ପାନୀୟଜଳ, ବିଜୁଳି, ଟଏଲେଟ, ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ଚଳିତ ବର୍ଷ ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ନିମନ୍ତ୍ରଣ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ବରପାଲି ଶୀତଳ ଷଷ୍ଠୀ ଯାତ୍ରା ଦେଖିବାକୁ ଆସିବେ ବୋଲି କମିଟିକୁ କହିଛନ୍ତି । ୧୮୭୭ ମସିହାରୁ ବରପାଲି ସହରରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଶୀତଳ ଷଷ୍ଠୀ ଯାତ୍ରା ୭ ଦିନ ଧରି ପାଳିତ ହୁଏ । ଚଳିତ ବର୍ଷ ଯାତ୍ରା ପ୍ରାରମ୍ଭରୁ ଲୋକଙ୍କୁ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବରେ ଯୋଡ଼ିବା ପାଇଁ ରଙ୍ଗୋଲି ମହୋତ୍ସବ, ସମ୍ବଲପୁରୀ ଫେସନ ସୋ, ତାରକାସୁର ବଧ ନାଟ୍ୟାଭିନୟ ଅନ୍ୟତମ ଆକର୍ଷଣ ହେବ । ଏବର୍ଷ ରାଜ୍ୟ ସରକାର ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବକୁ କେତେ ଆର୍ଥିକ ଅନୁଦାନ ପ୍ରଦାନ କରିବେ ତାହା ସ୍ପଷ୍ଟ କରନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ କମିଟି କର୍ମକର୍ତ୍ତା ଅନୁରୋଧ କରିଛନ୍ତି । ଚଳିତ ବର୍ଷ ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ା ବୋଲିପ୍ରେସମିଟରେ କମିଟିର କର୍ମକର୍ତ୍ତା ଅନୁରୋଧ କରିଛନ୍ତି ।

# ରକ୍ତ ଦାନ ସଚେତନତା ବାର୍ତ୍ତା ନେଇ ନିଷ୍ଠା ପରିବାରର ମୋଟର ସାଇକେଲ ରାଲି

ବରଗଡ, ୮।୬ (ଆନିସ):ଆସନ୍ତା ଜୁନ ୧୪ତାରିଖ ରେ ବରଗଡ଼ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ର ୧୭ତମ ପ୍ରତିଷ୍ଠା ଦିସ ତଥା ବିଶ୍ୱ ରକ୍ତ ଦାତା ଦିସ। ୧୬ବର୍ଷ ର ପାଦ ଦେଲା ନିଷ୍ଠା ପରିବାର। ଏ ନେଇ ବରଗଡ଼ ସ୍ଥିତ ନିୟନ୍ତ୍ରିତ ବଜାର କମିଟି ଠାରେ ନିଷ୍ଠା ପରିବାର ତରଫ ରୁ ରକ୍ତ ଦାନ ସଚେତନତା ବାର୍ତ୍ତା ପାଇଁ ଏକ ବିରାଟ ମୋଟର ସାଇକେଲ ରାଲି ର ଆୟୋଜନ କରାଯାଇଥିଲା। ଏହି ରାଲି କୁ ବରଗଡ଼ ରକ୍ତ ଭଣ୍ଡାର ଅଧିକାରୀ ଶ୍ରୀ ହରେ କୃଷ୍ଣ ଦୁଆନ ଓ ଏ.ଏସ.ଆଇ ଉସ ରଞ୍ଜନ ପାଣିଗ୍ରାହୀ ବରେଣ୍ୟ ଅତିଥି ଭାବରେ ଯୋଗ ଦେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ନିଷ୍ଠା ପରିବାର ର ସମସ୍ତ ସଦସ୍ୟ ସଦସ୍ୟା ମାନେ ଏହି ରାଲି ରେ ଯୋଗ ଦେଇ ପୂରା ବରଗଡ଼ ସହର ଭ୍ରମଣ କରି ରକ୍ତ ଦାନ ର ବାର୍ତ୍ତା ଦେଇଥିଲେ। ଯୁବ ପୀଢ଼ି ଆଗକୁ ଆସିଲେ ହିଁ ରକ୍ତ ର ଅଭାବ ଦୂର ହେବ ବୋଲି ନିଷ୍ଠା ପରିବାର ର ସଭାପତି ଶ୍ରୀ ଅଶ୍ୱିନୀ ତ୍ରିପାଠୀ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମ କୁ ନିଷ୍ଠା ପରିବାର ର ଉପ ସଭାପତି ଶ୍ରୀ ସଚି ପଣ୍ଡା, କ୍ଷିରୋଦ୍ର ସାହୁ ମଦନ ମୋହନ ଦାଶ, ବିଦ୍ୟାଧର ଭୋଇ, ସଂମ୍ପାଦକ ଲୋକ ନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ , ଜିତୁ ମହାପାତ୍ର, ଜୟନ୍ତ ପଧାନ ,ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ଓ ଅନ୍ୟ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

# ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ଶପଥ ଗ୍ରହଣ ସମାରୋହ

ବରଗଡ,୮।୬ (ଆନିସ): ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ୩୫ତମ ଶପଥ ଗ୍ରହଣ ସମାରୋହ ସ୍ଥାନୀୟ ଲାୟନ୍ସ ଭବନଠାରେ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲାୟନ୍ ସୌମ୍ୟଜିତ୍ ପାଢ଼ୀ ଆଗାମୀ ବର୍ଷ ପାଇଁ ହେବାକୁ ଥିବା ସେବା କାର୍ଯ୍ୟକ୍ରମ ମାନଙ୍କର ବିବରଣୀ ପ୍ରଦାନ କରିଥିଲେ । ସମାରୋହରେ ଦୁଇଜଣ ନୂତନ ସଦସ୍ୟଙ୍କୁ ଲାୟନ୍ସ ପରିବାରରେ ସାମିଲ କରାଯାଇଥିଲା। ପୂର୍ବତନ ଜିଲ୍ଲା ଗଭର୍ନର ଲାୟନ୍ ବେଣୁମାଧବ ଡୋରା ଓ ଦ୍ୱିତୀୟ ଉପ ଜିଲ୍ଲା ଗଭର୍ନର–ଇଲେକ୍ଟ ମେଜର ଚିତ୍ତରଞ୍ଜନ ଦାଶ ନୂତନ ଟିମ୍‌କୁ ଆଶୀର୍ବାଦ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ। କ୍ଲବ୍‌ର ବିକାଶ ଓ ସେବା କାର୍ଯ୍ୟକ୍ରମରେ ଅବଦାନ ପାଇଁ ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ସମସ୍ତ ପୂର୍ବତନ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଲାୟନ୍ସ କ୍ଲବ୍ ଅଫ୍ ପାଟଣାଗଡ଼, ପାଟଣାଗଡ଼ ଆଚିଭର୍ସ, ପାଇକମାଲ ନୃସିଂହନାଥ, ଗୋଦଭଗା ରୟାଲ ଏବଂ ଟିଟିଲାଗଡ଼ର ସଦସ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ।ଶେଷରେ ନବନିର୍ବାଚିତ ସମ୍ପାଦକ ଲାୟନ୍ ଶାଶ୍ୱତ ଦାଶ ଧନ୍ୟବାଦ ଅର୍ପଣ କରି ସମାରୋହର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ ।

# ଗୁରୁ ଭଗବାନ ସାହୁ ମହୋତ୍ସବର ଦ୍ୱିତୀୟ ପ୍ରସ୍ତୁତି ବୈଠକ

ବରଗଡ, ୮।୬ (ଆନିସ): ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଏ ଇ ମିସନ ସ୍କୁଲ ଠାରେ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଶ୍ରୀ ଦଧିବାବନ ଶତପଥୀଙ୍କ ସଭାପତିତ୍ୱରେ ଉପ ସଭାପତି ସର୍ଦ୍ଦାର ପ୍ରିତମ ସିଂହଙ୍କ ସଂଯୋଜନାରେ ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ ! ଆସନ୍ତା ଜୁନ ୨୮ ତାରିଖ ଦିନ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ଜୟନ୍ତୀ ମହୋତ୍ସବ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ସକାଳ ୧୦ ଘଣ୍ଟା ସମୟରେ ପାଳନ କରାଯିବ ! ମୂଖ୍ୟ ଅତିଥି ମାନ୍ୟବର ବରଗଡ଼ ବିଧାୟକ ଶ୍ରୀ ଅଶ୍ୱିନୀ ଷଡ଼ଙ୍ଗୀ ,ସମ୍ମାନିତ ଅତିଥି ବରଗଡ଼ ମୁନସିପାଲଟି ପୌରାଧ୍ୟକ୍ଷା ଶ୍ରୀମତୀ କଳ୍ପନା ମାଝୀ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ କବି ଲକ୍ଷ୍ମୀ ନାରାୟଣ ହୋତା ଯୋଗଦାନ କରିବେ ! ଏହି ଅବସରରେ ଆନ୍ତର୍ଜାତିୟ ସଞ୍ଚାର ଗାୟକ ବାହାକ ଅଲେଖ ସାହୁ(୮୫) ଏବଂ ବୟୋଜ୍ୟେଷ୍ଠ ଦଣ୍ଡ ନୃତ୍ୟ ଗୁରୁ ବିଶ୍ୱମ୍ଭର ଷାଣ୍ଡ ଟିହା(୮୨)ଙ୍କୁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ପ୍ରଦାନ କରାଯିବ, ଏହି ଅବସରରେ ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ଇବ ସାହିତ୍ୟ ପରିବାର ସୁନ୍ଦରଗଡ଼, ପଶ୍ଚିମାଞ୍ଚଳ ଏକତା ମଞ୍ଚ ଝାରସୁଗୁଡ଼ା, ଗୁରୁ ଭଗବାନ ସାହୁ କଳା ନିକେତନ ବଲାଙ୍ଗିର ,ଜନ କଲ୍ୟାଣ କୁଲିତା ସମାଜ ଅତାବିରା ବ୍ଲକ , ଶବ୍ଦନୃତ୍ୟ ଆଦି ଗୁରୁ ଭଜମନ ଦାସ କଳା ପରିଷଦ କୁଟାସିଂହା ବଲାଙ୍ଗିର, ସଚେତନ ହେମା ଢୋଲବନ୍ଧ ପଦ୍ମପୁର, ମାଁ ଚରଦେଇ ଲୋକ ମହୋତ୍ସବ କମିଟି ବିନିକା, ଆମର୍? ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ ପଦ୍ମପୁରକୁ ସମ୍ମାନୀତ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୁରୁ ଭଗବାନ ସାହୁଙ୍କ ଉପରେ କବିତା ଆସର ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି, ସଂଗଠନ ସମ୍ପାଦକ ପ୍ରଦୀପ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ,ସହ ସମ୍ପାଦକ ଡ଼ ଯଶବୀର ସିଂ ସୈନୀ , ବରିଷ୍ଠ ସଦସ୍ୟ ଉଦ୍ଧବ ଚରଣ ବେହେରା, ବିମଳ କୃଷ୍ଣ ମିଶ୍ର, ଶିବାନନ୍ଦ ମଟାରୀ, ନୂରାବତି ସାହୁ, ସନ୍ତୋଶିନି ଦାଶ, ଜୟଶ୍ରୀ ପଣ୍ଡା , ପ୍ରଦୀପ କୁମାର ମିଶ୍ର, ସାରଥି ମେହେର ,ମନୋଜ ବାଗ , ଜଟାଧାରୀ ପ୍ରଧାନ ପ୍ରମୁଖ ସଫଳ ଆୟୋଜନ ପାଇଁ ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ ।

# ଶୁଭ୍ରଜିତ୍ ସାମନ୍ତରାୟ ଗୋଛାପଡ଼ା ଥାନା ନୂତନ ଥାନା ଅଧିକାରୀ

ଫୁଲବାଣୀ, ୮।୬ (ଆନିସ): କଂଧମାଳ ଜିଲ୍ଲା ର ଗୋଛା ପଡା ଥାନା ର ନୂତନ ଥାନା ଅଧିକାରୀ ଭାବେ ଶୁଭ୍ରଜୀତ ସାମନ୍ତ ରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି ପୁର୍ବରୁ ଥିବା ଥାନା ଅଧିକାରୀ ସଞ୍ଜି ତ କୁମାର ବେହେରା ଙ୍କୁ କବିସୂର୍ଯ୍ୟ ନଗର ଥାନାଧିକାରୀ ଭାବେ ବଦଳୀ ହୋଇଛି ଶୁଭ୍ର ଜୀତ ଏଥି ପୁର୍ବରୁ ତୁମୁଡିବନ୍ଧ ଥାନା ଅଧିକାରୀ ଭାବେ ଦାୟିତ୍ୱରେ ରହି ଥିବା ବେଳେ ନିଷ୍ଠା ଓ ଆନ୍ତରିକତା ର ସହ କାର୍ଯ୍ୟ କରି ଲୋକଂକ ପ୍ରଶଂସା ଭଜନ ହୋଇଥିଲେ ତୁମୁଡିବନ୍ଧ ରେ ଆଇନ ଶୃଙ୍ଖଳା ପରିସ୍ଥିତି ରେ ସୁଧାର ଆଣିବା ସହ ଲୋକଂକ ସମସ୍ୟା ର ତ୍ୱରିତ ସମାଧାନ କରୁଥିଲେ ରାତ୍ରୀ କାଳୀନ ପେଟ୍ରୋଲିଂ କୁ କଡାକଡି କରିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ରେ ସାମିଲ ଥିବା ବ୍ୟକ୍ତି ଙ୍କ ଉପରେ ସତର୍କ ଦୃଷ୍ଟି ରଖିଥିଲେ ସୁଭ୍ରଜିତ ଗୋଛା ପଡ଼ା ଥାନା ଅଂଚଳରେ ବ୍ୟାପକ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ କୁ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ଏଥିପାଇଁ ସ୍ଥାନୀୟ ଲୋକ, ବୁଦ୍ଧିଜୀବି ଙ୍କ ସହଜୋଗ ଲୋଡିଛନ୍ତି ଶୁଭ୍ରଜିତ ।

# ୟୁନାଇଟେଡ଼ ଫ୍ଲାଏଆସ ଟ୍ରକ ଓନର ଆସୋସିଏସନ ଦଲିପାଲିର ପାଉଁଶ ପରିବହନକୁ ନେଇ ସାମ୍ବାଦିକ ସମ୍ମିଳନୀ

ସୁନ୍ଦରଗଡ, ୦୮/୦୬(ଆନିସ): ଜୁନ ୮ ତାରିଖ ସୋମବାର ଦିନ ୟୁନାଇଟେଡ ଫ୍ଲାଏଆଶ ଟ୍ରକ ଓନର ଆସୋସିଏସନ ସାମ୍ବାଦିକ ସମ୍ମିଳନୀ କରି ଗଣ ମାଧ୍ୟମ ଜରିଆରେ ଫ୍ଲାଏ ଆଶ ପରିବହନ ନେଇ ସଂଘ ନେଇଥିବା ନିଷ୍ପତ୍ତିକୁ ଉଭୟ ଏନଟିପିସି ଓ ଜିଲ୍ଲା ପ୍ରଶାସନକୁ ସୂଚିତ କରିଛି। ସଂଘ ଦ୍ୱାରା ଧାର୍ଯ୍ୟ ବା ନିଷ୍ପତ୍ତି ହୋଇଥିବା ବେଶ୍ ପ୍ରାଇସକୁ ଏକ ମାପକ ରଖା ଯାଇଛି। ବେଶ୍ ପ୍ରାଇସ ଠାରୁ ଯେଉଁ ବିଡ଼, ଟ୍ରାନସ୍ପୋର୍ଟର ବା ଟ୍ରାନ୍ସପୋର୍ଟ୍ଟ ଏଜେନ୍ସୀ କମ ଟଙ୍କାରେ ଟେଣ୍ଡର ପାଇବେ ତାଙ୍କୁ ଦୃଢ ବିରୁଦ୍ଧ କାରାଯିବ। ଏପରିକି ପାଉଁଶ ଟିକିଏ ହେଲେ ପରିବହନ କରିବାକୁ ଦିଆଯିବ ନାହିଁ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କହିଛି ସଂଘ । ତେବେ ଗତ ଦିନର ଅବସ୍ଥା ଓ ବ୍ୟବସ୍ଥା ସାରା ଅଞ୍ଚଳର ପରିବେଶକୁ ଦୂଷିତ କରିଥିଲା। ତେବେ ନୂଆ ରେଟରେ ଖୁବ୍ ଶୀଘ୍ର ପରିବହନ କରିବା ନେଇ ଏନଟିପିସି କର୍ତ୍ତୃପକ୍ଷ ଟେଣ୍ଡର ଆହ୍ୱାନ କରିଥିଲେ। ଟେଣ୍ଡର ଆସନ୍ତା ୧୧ ତାରିଖରେ ଖୋଲିବ, ଏ ନେଇ ସଂଘ ଅହେତୁକ ଚିନ୍ତା ପ୍ରକଟ କରିଛି। ଯଦି କେହି ଧାର୍ଯ୍ୟ ମୂଲ୍ୟ ଠାରୁ ବା ସଂଘ ଦ୍ୱାରା ନିଷ୍ପତ୍ତି ନିଆ ଯାଇଥିବା ବେଶ ପ୍ରାଇସ ଠାରୁ କମରେ ପରିବହନ କରିବାର ଠିକା ପାଆନ୍ତି ତେବେ ତାଙ୍କୁ କୌଣସି ପରିସ୍ଥିତିରେ ପାଉଁଶ ପରିବହନ କରିବାକୁ ଦିଆଯିବ ନାହିଁ ବୋଲି ଏହି ସଂଘ ସ୍ପଷ୍ଟ କରିବା ସହ ଏହି ବାର୍ତ୍ତା ଗଣ ମାଧ୍ୟମ ଜରିଆରେ ପ୍ରକାଶ କରିଛି। ତେବେ ଏହି ନିଷ୍ପତ୍ତି ନେଇ ସେମାନେ ଏନଟିପିସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣା ପଡିଛି। ସଂଘର ନିଷ୍ପତ୍ତି ନ ମାନିଲେ କାହାରିକୁ ଏନଟିପିସିରୁ ପାଉଁଶ ପରିବହନ କରିବାକୁ ଦିଆଯିବ ନାହିଁ। କେବଳ ସଂଘ କାହିଁକି ଗାଡି ମାଲିକ ବା ଛୋଟ ଛୋଟ ଟ୍ରାନ୍ସପୋର୍ଟର ମାନେ ମଧ୍ୟ ସେହି ସମାନ କଥା ଦୋହରାଇଛନ୍ତି। ସଂଘର ନିଷ୍ପତ୍ତି ହିଁ ତାଙ୍କର ନିଷ୍ପତ୍ତି ଓ ବିକଳ୍ପ ବ୍ୟବସ୍ଥା ବୋଲି ସେମାନେ କହିଛନ୍ତି।

# ଖପ୍ରାଖୋଲ ଅବରୋଧ କାହିଁକି

ଖପ୍ରାଖୋଲ ୦୮।୦୬ (ଆନିସ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ଚାଳିଥିବା ଦୁର୍ନୀତି ବିଷୟରେ ଦୈନିକ ଆଶା ଖବରକାଗଜ ପ୍ରତିନିଧି ପ୍ରକାଶିତ କରି ଟ୍ୱିଟ୍ କରିଥିଲେ । ସେହି କଥାକୁ ନେଇ, ଖପ୍ରାଖୋଲ ବିଡ଼ିଓ ମହାଶୟ ଖବରକାଗଜ ପ୍ରତିନିଧିଙ୍କ ହ୍ୱାଟସ ଆପ , କଲ ଓ (ଏକ୍ସ)ଟ୍ୱିର୍ଟର ଆକାଉଣ୍ଟ କୁ ଅବରୋଧ(ବ୍ଲକ) କରି ଦେଇଛନ୍ତି । ଉକ୍ତ ବିଷୟକୁ ନେଇ ଖପ୍ରାଖୋଲ ବ୍ଲକରେ କିଛି ମାସ ପୂର୍ବରୁ ହୋଇଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣି ରେ ଅଭିଯୋଗ କରିବା ପାଇଁ ଯାଇଥିଲେ ହେଲେ ସେଠାରେ ଜିଲ୍ଲାପାଳ ଉପସ୍ଥିତ ନଥିବାରୁ ଜିଲ୍ଲା ଉନ୍ନୟନ ଅଧିକାରୀ(ପିଡ଼ି) ଙ୍କ ପାଖକୁ ଯାଇ ଉକ୍ତ ଅଭିଯୋଗ ବିଷୟରେ କହିବାରୁ ସେ ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ ପ୍ରକାଶ ଥାଉକି, ସେହି ସମୟରେ ବିଡ଼ିଓ ମଧ୍ୟ ଉପସ୍ଥିତ ଥିଲେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ବିଡ଼ିଓ ମହାଶୟ ଖବରକାଗଜ ପ୍ରତିନିଧିଙ୍କ ହ୍ୱାଟସ ଆପ , କଲ ଓ (ଏକ୍ସ)ଟ୍ୱିର୍ଟର ଆକାଉଣ୍ଟ କୁ ଖୋଲି ନାହାନ୍ତି । ଫଳରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତୀରାଜ ମନ୍ତ୍ରୀ, ମୁଖ୍ୟସଚିବ, ଉଚ୍ଚ ସ୍ତରୀୟ ବିଭାଗ ଓ ଜିଲ୍ଲାପାଳଙ୍କୁ ଟ୍ୱିଇଟ୍ ମାଧ୍ୟମରେ ଜଣାଇଛନ୍ତି । ଦୈନିକ ଆଶା ଖବରକାଗଜ ପ୍ରତିନିଧି ସେ ଜଣେ ସମାଜସେବୀ ସରକାରଙ୍କ ପ୍ରଚଳିତ ବିଭିନ୍ନ ଯୋଜନାରେ ଯେପରି ହିତାଧିକାରୀ ମାନେ ସାମିଲ ହୋଇ ଉପକୃତ ହେବେ ସରକାରଙ୍କୁ ଅବଗତ କରେଇଥାନ୍ତି ।

## ଖୋର୍ଦ୍ଧା ସହର ଭିତରକୁ ପ୍ରବେଶ ପଥ ପ୍ରସଙ୍ଗ

# ବିଧାୟକଙ୍କୁ ନକ୍ସା ପ୍ରଦାନ କଲା ଖୋର୍ଦ୍ଧା ବିକାଶ ମଞ୍ଚ

ଖୋର୍ଦ୍ଧା, ୮।୬ (ଆନିସ): ଭୁବନେଶ୍ୱର ଆଡୁ ଖୋର୍ଦ୍ଧା ସହରକୁ ଆସିଲା ବେଳେ କେଉଁଟା ମୁଖ୍ୟ ପ୍ରବେଶ ପଥ ହେବ ସେ ସମ୍ପର୍କରେ ଏକ ବିଧିବଦ୍ଧ ନକ୍ସା ଆଜି ଖୋର୍ଦ୍ଧା ବିକାଶ ମଞ୍ଚ ତରଫରୁ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କୁ ପ୍ରଦାନ କରାଯାଇଛି ।

ପ୍ରକାଶ ଥାଉକି,୧୯୮୩ ମସିହାରେ ୧୬ନଂ ଜାତୀୟ ରାଜପଥ ନୂତନ ଭାବେ ତିଆରି ହେଲା ବେଳେ ଖୋର୍ଦ୍ଧାରେ ଏହାର ଏ

## ଜରଡା ପୋଲିସକୁ ବଡ଼ ସଫଳତା

# ଦୁଇଟି ଚିତାବାଘ ଛାଲ ସହ ବୋମା ଓ ଖଣ୍ଡା ଜବତ, ଦୁଇ ଗିରଫ

ପାତ୍ରପୁର, ୮।୬ (ଆନିସ): ବ୍ରହ୍ମପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ଜରଡ଼ା ଥାନା ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର ଓ ଚମଡ଼ା କାରବାରର ବଡ଼ ରକେଟର ପର୍ଦ୍ଦାଫାଶ କରିଛି ଜରଡା ଥାନା ପୋଲିସ। ଗୋଟିଏ ମାସରେ ତିନୋଟି ଚିତାବାଘ ଚମଡ଼ା, ଚାରୋଟି ଜିବନ୍ତ ଅଫୁଟା ବୋମା ଜବତ କରିବା ସହିତ ଏହି ରକେଟରେ ଜଡ଼ିତ ଥିବା ପାଞ୍ଚଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏପରି ବଡ଼ ଧରଣର ଆନ୍ତଃଜିଲ୍ଲା ବନ୍ୟପ୍ରାଣୀ ଶିକାର ରକେଟର ପର୍ଦ୍ଦାଫାଶ କରିବାରେ ଜରଡା ପୋଲିସ ବଡ଼ ସଫଳତା ହାସଲ କରିଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ଶନିବାର ବିଳମ୍ବିତ ରାତିରେ ବନ୍ୟପ୍ରାଣୀ ଚମଡା ସାମଗ୍ରୀ କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଜରଡା ଥାନା ଅନ୍ତର୍ଗତ ଉପର ବୁରାତାଳ ଅଞ୍ଚଳରେ ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପାହାଡ଼ ଉପରେ ଥିବା ଜଙ୍ଗଲ ଆଡ଼କୁ ଦୁଇ ଜଣ ବ୍ୟକ୍ତି ଦୌଡ଼ି ଦୌଡ଼ି ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରିଥିଲା। ପିଛା କରିବା ସମୟରେ ହଠାତ୍ ଅଭିଯୁକ୍ତମାନେ ପୋଲିସକୁ ଠେଲାପେଲି କରିବା ସହ ଶାରୀରିକ ବଳ ପ୍ରୟୋଗ କରି ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏଥି ସହିତ ଜଣେ ଅଭିଯୁକ୍ତ ଏକ ଖଣ୍ଡା ଦେଖାଇ ପୋଲିସ କର୍ମଚାରୀଙ୍କୁ ମାରିଦେବା ଧମକ ଦେଇଥିଲେ। ତେବେ ପୋଲିସ ଦଳ ବହୁତ କଷ୍ଟରେ ଉଭୟଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଗିରଫ ଅଭିଯୁକ୍ତ ମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ବଡ଼ଗାଁ ଗ୍ରାମର ସ୍ୱର୍ଗତ ସୁଦାନ ଜମାଦାରଙ୍କ ପୁଅ କେଶବା ଜମାଦାର (୩୪) ଓ ଜରଡା ଥାନା ଅନ୍ତର୍ଗତ ବୁରାତାଳ ଗ୍ରାମର ଶ୍ରୀଧର ଜମାଦାରଙ୍କ ପୁଅ ବୀରା ଜମାଦାର (୪୫) । ଅଭିଯୁକ୍ତ ମାନଙ୍କୁ ତଲାସି କରିବା ବେଳେ କେଶବା ନିକଟରୁ ଦୁଇଟି ଜୀବନ୍ତ ହାତତିଆରି ବୋମା ଏବଂ ବୀରା ନିକଟରୁ ଏକ ଖଣ୍ଡା ଜବତ କରାଯାଇଥିଲା। ସେହିପରି ସେମାନଙ୍କ ନିକଟରୁ ଦୁଇଟି ପୂର୍ଣ୍ଣ ଆକାରର ଚିତାବାଘ ଚମଡ଼ା ମଧ୍ୟ ଉଦ୍ଧାର କରାଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ଚମଡ଼ା, ଅସ୍ତ୍ର କିମ୍ବା ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ କୌଣସି ବୈଧ ସରକାରୀ ଅନୁମତିପତ୍ର ଦେଖାଇ ପାରିନଥିଲେ। ଜରଡା ଥାନା ପକ୍ଷରୁ କେସ୍ ନଂ-୧୮୬/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ନେଇ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଶ୍ରବଣ ବିବେକ ଏମ୍ ସୂଚନା ଦେଇଛନ୍ତି। ସୂଚନା ଥାଉକି ଗତମାସ ଜରଡା ଥାନା ଅନ୍ତର୍ଗତ ଧାନବାଡ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଗୋଟିଏ ଚିତାବାଘ ଚମଡ଼ା, ଦୁଇଟି ଜିବନ୍ତ ଅଫୁଟା ବୋମା, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ୍ ଓ ଗୋଟିଏ ଛୁରି ଜବତ କରିବା ସହିତ ଗଜପତି ଜିଲ୍ଲା ରାମଗିରି ଥାନା ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ନାୟକ(୪୭) ଓ ଗୁଞ୍ଜୁ ରଚିତ(୭୦) ଓ ରିତୁନ ବଡମୁଣ୍ଡି(୨୫) ନାମକ ତିନି ଆନ୍ତଃଜିଲ୍ଲା ବନ୍ୟପ୍ରାଣୀ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ବାଘଛାଲ ରକେଟରେ ବର୍ତ୍ତମାନ ସୁଦ୍ଧା ଜରଡା ପୋଲିସ ପକ୍ଷରୁ ପାଞ୍ଚ ଜଣ ବନ୍ୟଜନ୍ତୁ ଶିକାରୀକୁ ଗିରଫ କରିଥିବା ବେଳେ ତିନୋଟି ସମ୍ପୂର୍ଣ୍ଣ ଚିତାବାଘ ଚମଡ଼ା, ଚାରୋଟି ଜିବନ୍ତ ଅଫୁଟା ବୋମା, ଦୁଇଟି ଖଣ୍ଡା, ଗୋଟିଏ ଲୁହା ରଡ୍ ଓ ଗୋଟିଏ ଛୁରି ଜବତ କରାଯାଇଛି। ଅନ୍ୟ ପକ୍ଷରେ ଏହି ଆନ୍ତଃଜିଲ୍ଲା ବନ୍ୟପ୍ରାଣୀ ଶିକାର ରକେଟର ଚେର କେତେ ଦୂର ପର୍ଯ୍ୟନ୍ତ ଲମ୍ବିଛି ସେନେଇ ଜରଡା ପୋଲିସର ତଦନ୍ତ ଜାରି ରଖିଥିବା ନେଇ ଜରଡା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି।

# ହିଞ୍ଜିଳିକାଟୁ ଠିକାଦାର ସଂଘର ବୈଠକ

ହିଞ୍ଜିଳିକାଟୁ,୮।୬ (ଆନିସ): ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ମା କରେଇଶୁନି ପୀଠରେ ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକର ସମସ୍ତ ଠିକାଦାର ମାନଙ୍କୁ ନେଇ ରବିବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟକୁ ନେଇ ଏହି ବୈଠକ ସ୍ଥାନୀୟ ପୌରାଞ୍ଚଳ ଏବଂ ବ୍ଲକର ସମସ୍ତ ଠିକଦାରମାନେ ଏକତ୍ରିତ ହୋଇଥିଲେ । ଯାହା ସଂଘର ନିଷ୍ପତ୍ତି କ୍ରମେ ସରକାରଙ୍କ ଦ୍ୱାରା ଆଗତ ଆଗାମୀ ସମସ୍ତ ଟେଂଡର କାର୍ଯ୍ୟକୁ ସୂଚୀ ହାରରେ ପକାଇବା ପାଇଁ ନିଷ୍ପତି ନିଆଯାଇଛି । ଅନୁପସ୍ଥିତ ଠିକାଦାର ଭାଇ ମାନଙ୍କୁ ଯଥା ଶିଘ୍ର ଜଣାଇବା ସହ ବୈଠକରେ ଆଲୋଚନା କରାଯାଇଥିବା ସମସ୍ତ ନିୟମ ବଳି ଅବଗତ କରାଯିବ ଏଥି ସହ ସମସ୍ତ ଠିକାଦାର ଭାଇ ମାନଙ୍କୁ ସୂଚୀ ହାରରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରିବା ସହ ଆମ ରାଜ୍ୟ ଏବଂ ଅଞ୍ଚଳର ବିକାଶ କାର୍ଯ୍ୟରେ ସାରଥୀ ସାଜିବାକୁ ଅନୁରୋଧ କରାଗଲା ଯଦି କୌଣସି ଠିକାଦାର ଭାଇ ହିଞ୍ଜିଳି ବ୍ଲକ ଠିକାଦାର ସଂଘ ଦ୍ୱାରା ଅବଗତ ସୂଚୀ ହାର ପକ୍ରିୟାକୁ କୁ ବିରୋଧ କରି କମ ଟେଣ୍ଡର ପକାଇ କାର୍ଯ୍ୟ ହାତକୁ ନିଅନ୍ତି, ତେବେ ହିଞ୍ଜିଳି ବ୍ଲକ ଠିକାଦାର ମାନଙ୍କ ଦ୍ୱାରା କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିଦ୍ୱାରା ଜିଲ୍ଲାର ସମସ୍ତ ଠିକାଦାର ଭାଇମାନଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି ଯେ ନିଜ ନିଜ ଅଞ୍ଚଳରେ ଟେଣ୍ଡର କାର୍ଯ୍ୟକୁ ସୂଚୀ ହାର ଅନୁସାରେ ପକାଇଲେ ସମସ୍ତେ ଲାଭ ପାଇପାରିବ ସଂଘର କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି । ଏହି ବୈଠକରେ ପ୍ୟାରୀ ମୋହନ ପାଢ଼ୀ, ସୁମିତ ପାଣିଗ୍ରାହୀ, ନିର୍ମଳ ନାୟକ ,ମୁନା ପାଢ଼ୀ,ସଞ୍ଜୟ ପାଢ଼ୀ,ପ୍ରଭାତ ମହାରଣା ପ୍ରମୁଖଙ୍କ ସମେତ ବହୁ ଠିକାଦାର ଉପସ୍ଥିତ ଥିଲେ।

# ଗଞ୍ଜାମ ଏନଏସିରେ ପରିବେଶ ଦିବସ ସପ୍ତାହ ପାଳିତ

ଗଞ୍ଜାମ , ୮।୬ (ଆନିସ): ଗଞ୍ଜାମ ଏନଏସି ପକ୍ଷରୁ ବିଶ୍ୱ ପରିବେଶ ଦିବସ ସପ୍ତାହ ଅବସରରେ ପୋତାଗଡ଼ ନିକଟସ୍ଥ କଲ୍ୟାଣୀ ମଣ୍ଡପ ପରିସରରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଛି। ଗଞ୍ଜାମ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପନା ଡାଙ୍ଗୁଆଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ସ୍ୱଚ୍ଛ ପରିବେଶ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଏନଏସି ଉପାଧକ୍ଷ ସୁରେନ୍ଦ୍ର କୁମାର ବାରିକି, ଗଞ୍ଜାମ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ସୁରତ ପାହାନ, କାଉନ୍ସିଲର ରୀତାରାଣୀ ମହାରଣା, ପୁରୁଷୋତ୍ତମ ସାହୁ, ଲକ୍ଷ୍ମୀ ନାୟକ, ସ୍ୱାଗତ ଆଶିଷ ନାୟକ, ସୁଜାତା ମହାନ୍ତି, ପି. ମୋହନ ରେଡ୍ଡୀ ଓ ପି. ଚନ୍ଦ୍ରଶେଖର, ମଣ୍ଡଳ ସଭାପତି ଭଗବାନ ପ୍ରଧାନ ଏବଂ ବିଧାୟକ ପ୍ରତିନିଧି ରାନୁ ବୈଠାରୁଙ୍କ ସମେତ ବହୁ ଜନପ୍ରତିନିଧି ଓ ଏନଏସି କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରାଯିବା ସହ ବୃକ୍ଷରୋପଣ କରାଯାଇଥିଲା। ଏହାସହ ଗଞ୍ଜାମ ସହରରେ ପ୍ରସ୍ତାବିତ ବସ୍ ଷ୍ଟାଣ୍ଡ, ଷ୍ଟାଡିୟମ ଏବଂ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜମି ଚିହ୍ନଟ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ସହରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ମଞ୍ଜୁର ହୋଇଥିବା ଅର୍ଥରାଶିକୁ ଏନଏସି ଅଧକ୍ଷା ଓ କାଉନ୍ସିଲରମାନଙ୍କ ସହ ଆଲୋଚନା କରି ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଶେଷରେ ପରିବେଶକୁ ସବୁଜ, ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରଖିବା ସହ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଏବଂ ସନ୍ତୁଳିତ ପରିବେଶ ଗଠନ ନିମନ୍ତେ ସମସ୍ତେ ସଂକଳ୍ପ ନେଇଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ ଏନଏସିର ସିଇଓ ଅଞ୍ଜଳି ପାଢ଼ୀ, ସହକାରୀ ଯନ୍ତ୍ରୀ ମମତା ପଣ୍ଡା, ପରିମଳ ବିଶେଷଜ୍ଞ ନୋମେଶ କୁମାର, ଆକାଉଣ୍ଟାଣ୍ଟ ଲିଟି ଜେନା, ସ୍ୱଚ୍ଛ ସାଥୀ ନିହାରିକା ପଟ୍ଟନାୟକ, ଉର୍ମିଳା ମହାନ୍ତି, ନମିତା ଗୌଡ଼ ଏବଂ ପଦ୍ମନାଭ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ହାତୀର ଗଳିତ ମୃତଦେହ ଉଦ୍ଧାର

ଭଞ୍ଜନଗର,୮।୬(ଆନିସ): ଦିନକୁ ଦିନ ବଢିବାରେ ଲାଗିଛି ବନ୍ୟଜନ୍ତୁଙ୍କ ଅବାଧ ଶୀକାର। ରବିବାର ସନ୍ଧ୍ୟାରେ ଜଙ୍ଗଲରୁ ଏକ ହାତୀର କଙ୍କାଳ ଉଦ୍ଧାର ହୋଇଛି। ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ତାରାସିଙ୍ଗି ବନାଞ୍ଚଳ ଗାୟାଗଣ୍ଡା ସେକ୍ସନ ବରପଲ୍ଲି ବିଟ୍ ପାଇଛାଲିଆ ସଂରକ୍ଷିତ ଜଙ୍ଗଲ ଭାଗ ୦୧ ରୁ ଏକ ହାତୀର କଙ୍କାଳ ଉଦ୍ଧାର ହୋଇଛି। ହାତୀର ବୟସ ୫ ରୁ ୬ ବର୍ଷ ହୋଇଥିବା ବେଳେ ହାତୀର ମୃତ୍ୟୁ ୧୦ ରୁ ୧୫ ଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି।ଶବ ବ୍ୟବଚ୍ଛେଦ ପରେ ଏହା ମାଇ ହାତୀ ହୋଇଥିବା ଜଣା ପଡ଼ିଛି। ହାତୀଟିର ମୃତ୍ୟୁ କେଉଁ କାରଣରୁ ତାହା ଜଣା ପଡିନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି। ଏତେ ଦିନ ହେଲା ହାତୀ ମୃତ୍ୟୁ ଖବର କେମିତି କେହି ଜାଣି ପାରି ନଥିଲେ ବୋଲି ଜନ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କିଛି ବନ କର୍ମଚାରୀ ପେଟ୍ରୋଲିଙ୍ଗ ଠିକ ଭାବରେ କରୁନଥିବାରୁ ହାତୀର ମୃତ୍ୟୁ କେଉଁଠି ହେଉଛି ତାହା ଜାଣି ପାରୁନାହାନ୍ତି ।ଚାରି ମାସ ଭିତରେ ତାରାସିଙ୍ଗି ବନାଞ୍ଚଳରେ ୩ ଟି ହାତୀର ମୃତ୍ୟୁ ହୋଇ ସାରିଛି ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

ବୁଗୁଡ଼ା,୮।୬ (ଆନିସ): ଶିକ୍ଷା କ୍ଷେତ୍ରର ବିକାଶ ଓ ଛାତ୍ରଛାତ୍ରୀଙ୍କୁ

ଉନ୍ନତ ଶିକ୍ଷା ପରିବେଶ ପ୍ରଦାନ ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ନୂତନ ଭବନ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଆଜି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ପୋଚାଲୁଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ ଉଦଘାଟିତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀମତୀ ସୁଜାତା କୁମାରୀ ପ୍ରଧାନ, ବିଡ଼ିଓ ଦୁତିକୃଷ୍ଣ ପାତ୍ର, ବିଇଓ ଚିନ୍ମୟ ମହାପାତ୍ର ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି,ଜନସାଧାରଣ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ କରିଛନ୍ତି।

# କୋର୍ଟ ଆଦେଶର ଉଲ୍ଲଂଘନ କରି କରି ସ୍ୱାମୀ ଓ ପତ୍ନୀ ଗିରଫ

ବୁଗୁଡ଼ା, ୮।୬ (ଆନିସ): ବୁଗୁଡ଼ା ଥାନା ଓ ବାଲିପଦର ଫାଣ୍ଡି ଅନ୍ତର୍ଗତ ବାଲିପଦର ଗ୍ରାମର ସ୍ୱର୍ଗତ ଖଲି ସାସମଲଙ୍କ ପୁଅ ବିଜୟ ସାସମଲ (୫୦) ଓ ତାଙ୍କ ଧର୍ମପତ୍ନୀ ସୁକାନ୍ତି ସାସମାଲ (୪୦) ଉଭୟଙ୍କୁ କୋର୍ଟ ଆଦେଶ ଉଲ୍ଲଂଘନ କରିବା ଅଭିଯୋଗରେ ବୁଗୁଡ଼ା ପୋଲିସ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନିର୍ଦ୍ଦେଶ କ୍ରମେ ବାଲିପଦର ଫାଣ୍ଡି ଓଆଇସି କେ.ନୀଳାଦ୍ରି ରେଡ୍ଡୀ ୦୭-୬-୨୬ ତାରିଖ ଦିନ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରକାଶ ଥାଉକି ଭଞ୍ଜନଗରର ସିଭିଲ୍ ଜଜ୍ (ବରିଷ୍ଠ ବିଭାଗ) ଦ୍ୱାରା ଜାରି କରାଯାଇଥିବା କୋର୍ଟ ଆଦେଶର ଉଲ୍ଲଂଘନ କରି, ଯେଉଁଥିରେ କୋର୍ଟ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପତ୍ତିର ଦଖଲ ପୂର୍ବରୁ ଡିକ୍ରିଧାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ଅଭିଯୁକ୍ତ ବ୍ୟକ୍ତିମାନେ, ବିଜୟ ସାସମଲ ଓ ସୁକାନ୍ତି ସାସମଲ ଉଭୟେ ବୁଗୁଡ଼ା ପୋଲିସ ଥାନା ଅନ୍ତର୍ଗତ ବାଲିପଦର ଗ୍ରାମର ବେଆଇନ ଭାବରେ ମକଦ୍ଦମା ସମ୍ପତ୍ତିର ତାଲା ଭାଙ୍ଗି ଜୋର ଜବରଦସ୍ତ ଦଖଲ କରିଥିଲେ। ଏପରିକି ଡିକ୍ରିଧାରୀ ବ୍ୟକ୍ତିଙ୍କୁ ଦୁଇ ଅଭିଯୁକ୍ତ ଜୀବନରେ ମାରିଦେବାକୁ ଧମକ ଦେବା ଏବଂ ହତ୍ୟା କରିବାକୁ ଚେଷ୍ଟା କରିବା ସହିତ ପ୍ରକୃତ ମାଲିକଙ୍କୁ ବିତାଡ଼ିତ କରିଥିଲେ। ଏନେଇ ବୁଗୁଡ଼ା ପିଏସ୍ ନମ୍ବର ୟୁଏସ୍- ୨୮୬ ତାରିଖ ୦୭-୦୬-୨୦୨୬, /- ୩୩୧(୬)/୩୫୧(୩)/୧୧୫(୨)/୩୦୮(୩)/୧୦୯(୧)/୨୨୩ /୬୧(୨)/୪୯/୩(୫) ବିଏନ୍ଏସ୍ ଅନୁଯାୟୀ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବଡ଼ରାମପାଲ୍ଲୀ ସ୍କୁଲରେ ଫଳକ ଅଦଳବଦଳକୁ ନେଇ ତୀବ୍ର ଅସନ୍ତୋଷ

ଖଲ୍ଲିକୋଟ,୮।୬ (ଆନିସ): ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର କମୋଣ୍ଡ ପଞ୍ଚାୟତ ଅନ୍ତର୍ଗତ ବଡ଼ରାମପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଫଳକ ଅଦଳବଦଳକୁ ନେଇ ଦୁଇ ପକ୍ଷ ମଧ୍ୟରେ ବିବାଦ ଦେଖିବାକୁ ମିଳିଥିଲା । ଯାହା ଫଳରେ ଉଭୟ ସାଂସଦ ଏବଂ ବିଧାୟକ ଙ୍କ ସମର୍ଥକ ମାନଙ୍କ ମଧ୍ୟରେ ରୋକ୍? ଝୋକ ଆରମ୍ଭ ହୋଇଥିଲା । ଏଥିରେ ସାଧାରଣ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

ଏହାକୁ ନେଇ ବିଡିଓ, ଏସଡିପିଓ ଓ ଆଇଆଇସିଙ୍କ ଉପସ୍ଥିତିରେ ବିଜେପି କର୍ମୀ ଓ ସ୍ଥାନୀୟ ଲୋକମାନେ ଆଲୋଚନା କରିଥିଲେ। ସରକାରୀ ନିୟମକୁ ଉଲ୍ଲଂଘନ କରି କାହାର ସହଯୋଗରେ ଫଳକ ପରିବର୍ତ୍ତନ କରାଗଲା ବୋଲି ପ୍ରଶ୍ନ ଉଠାଇଥିଲେ। ବିବାଦକୁ ନେଇ ନିର୍ଦ୍ଧାରିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମଧ୍ୟ ହୋଇପାରିନଥିବା ଜଣାପଡ଼ିଛି।

# ଗୋଠ ଗାଁ ବିଲରୁ ଶବ ଉଦ୍ଧାର କରିଛି ଜରଡା ପୋଲିସ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଆଶଙ୍କା।

ପାତ୍ରପୁର ,୮।୬ (ଆନିସ): ଜରଡ଼ା ଥାନା ଅନ୍ତର୍ଗତ ଗୋଠଗାଁ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତ ଦେହକୁ ଉଦ୍ଧାର କରିଛି ଜରଡ଼ା ଥାନା ପୋଲିସ । ମୃତ ବ୍ୟକ୍ତି ଜଣକ ହେଲେ ପାତ୍ରପୁର ବ୍ଲକ ଖରଣିପଡା ପଞ୍ଚାୟତ ଅନ୍ତର୍ଗତ ଚୈତନ୍ୟ ଚନ୍ଦ୍ର ପୁର( ଶାସନ) ଗ୍ରାମର ତାରିଣୀ ପାଢ଼ୀ (୫୬)। ସୂଚନା ମୁତାବକ ତାରିଣୀ ଗତ ଦୁଇ ଦିନ ହେବ ନିଜ ଭଉଣୀ ଘର ସୁନ୍ଦରଡ଼ା ଗ୍ରାମକୁ ଯାଇଥିବା ବେଳେ ଗତ କାଲି ଅପରାହ୍ଣରେ ଚାଲି ଚାଲି ନିଜ ଗ୍ରାମ ଶାସନ ଫେରୁଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାସ୍ତାରେ ଅଂଶୁଘାତରେ ଢଳି ପଡ଼ି ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଶଙ୍କା ସୃଷ୍ଟ ହୋଇଛି। ସୋମବାର ଗୋଠଗାଁର କିଛି ଲୋକ ସେହି ରାସ୍ତାରେ ଯାଉଥିବା ବେଳେ ତାରିଣୀଙ୍କ ମୃତ ଦେହକୁ ଦେଖି ତୁରନ୍ତ ଜରଡା ପୋଲିସକୁ ଖବର ଦେଇଥିଲେ। ତାରିଣୀ ର ମୃତ୍ୟୁ ଅଂଶୁଘାତ ଜନିତ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ଖବର ପାଇ ଜରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଜରଡା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିବା ନେଇ ଜରଡା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି।

# ମୋଟାବାଡି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଝୁଲୁଛି ତାଲା, ବଢୁଛି ଜନ ଅସନ୍ତୋଷ

ବୁଗୁଡ଼ା,୮।୬ (ଆନିସ): ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଝୁଲୁଛି ତାଲା ବାବୁଙ୍କ ମିଳୁନି ଦେଖା ଚେୟାର ପଡ଼ିଛି ଖାଲି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ। ବଦଳି ଯାଇଛି ଦୀର୍ଘ ଦିନର ସରକାର ହେଲେ ଏବେବି ବଦଳି ପାରୁନି ସରକାରୀ ବ୍ୟବସ୍ଥା ଓ ବାବୁମାନଙ୍କ କାର୍ଯ୍ୟ କରିବାର ଢାଞ୍ଚା, ସରକାରୀ ନିୟମକୁ ବେଖାତିରି କରି ଠିକ ସମୟରେ ଉପସ୍ଥିତ ର

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ନେତା ହେବା ପାଇଁ ଯୋଗ୍ୟତା ଆବଶ୍ୟକ

ଆଜି କାଲି ଶିକ୍ଷିତ ବେକାରୀ ସମସ୍ୟା ଏତେ ବୃଦ୍ଧି ପାଇଛି ଯେ ସାଧାରଣ ହୋମ ଗାର୍ଡ ଚାକିରି ପାଇଁ ପିଜି ଓ ଇଞ୍ଜିନିୟରିଂ ଯୁବକ ଯୁବତୀମାନେ ସାକ୍ଷାତକାର ଦେଉଛନ୍ତି। ନିକଟ ଅତୀତରେ ଓଡ଼ିଶାରେ ଆୟୋଜିତ ହୋମ୍ ଗାର୍ଡ ଚାକିରି ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ଆମ ସମାଜ ପାଇଁ ଉତ୍କଟ ବେକାରୀ ସମସ୍ୟା ନଗ୍ନ ଚିତ୍ର। ଶିକ୍ଷା ଯେପରି ବୃଦ୍ଧି ପାଉଛି, ସେପରି ଚାକିରି ଚାକିରି ନାହିଁ। ଆଉ ଯେଉଁ ସରକାରୀ ଚାକିରି ବାହାରୁଛି, ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ଭିତିରି ବୁଝାମଣା ଭିତରେ ନିଯୁକ୍ତି ପ୍ରାପ୍ତ ହେଉଛି। ତୃତୀୟ ଶ୍ରେଣୀ ଚାକିରି ପାଇଁ ମୋଟା ଅଙ୍କର ଉତ୍ତୋଚ କାରବାର ହେଉଛି। ଯାହାକି ଜଣେ ଗରିବ ବା ମଧ୍ୟବିତ୍ତ ପରିବାରର କୌଣସି ଶିକ୍ଷିତ ଯୁବକ ଯୁବତୀ ମୋଟା ଅଙ୍କର ଲାଞ୍ଚ ଦେଇ ଚାକିରି ହାତେଇବା ସମ୍ଭବ ନୁହେଁ। ଦୁର୍ନୀତି ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ, ତାକୁ ନିୟନ୍ତ୍ରଣ କରିବା ସମ୍ଭବପର ନାହିଁ। ଆମେ ଯାହା ପଢୁଛେ ବିଭିନ୍ନ ନୀତି ଶିକ୍ଷା, ଏହା ପାଠ୍ୟ ପୁସ୍ତକରେ ସୀମିତ। ବାସ୍ତବ କ୍ଷେତ୍ରରେ ସଂପୂର୍ଣ୍ଣ ଓଲଟା। ଦିନକୁ ଦିନ ଶାସନ କଳ କଳୁଷିତ। ଯଦି ଆମେ କହିବା, ଇଂରେଜ ଶାସନ ବହୁତ ଭଲ ଥିଲା। ବର୍ତ୍ତମାନର ଗଣତନ୍ତ୍ର ଶାସନ ପ୍ରିୟାପ୍ରୀତି ତୋଷଣରେ ଆକ୍ରାନ୍ତ।

ପୂର୍ବରୁ ଭାରତ ନେତାମାନେ ସଚ୍ଚୋଟ ଓ ଚରିତ୍ରବାନ୍ ଥିଲେ। ବର୍ତ୍ତମାନର ନେତା ଏବଂ ସରକାରୀ ଅମଲାତନ୍ତ୍ର ସଂପୂର୍ଣ୍ଣ ଭାବେ କଳୁଷିତ। ତେଣୁ ଆମେ ଯେଉଁ ନେତାମାନଙ୍କୁ ଭୋଟ ଦେଇ ନିର୍ବାଚିତ କରୁଛେ, ସେମାନେ ଜନତାର ସର୍ବାଙ୍ଗୀନ ଉନ୍ନତି କଥା କହି କେବଳ ନିଜର ସ୍ୱାର୍ଥ ସାଧନରେ ବ୍ୟସ୍ତ। କୌଣସି ମତଦାତା ନିଜର ନେତା ବା ଦଳ ଭାବି ନିର୍ବାଚିତ କରିଥାଏ, ସେହି ନେତା ସାଧାରଣ ଲୋକଙ୍କ ଦୁଃଖ ସୁଖ ବୁଝି ନଥାଏ।

ନେତାମାନଙ୍କ ମନରେ ସମଜ ସେବାର ସଦଗୁଣ ନଥାଏ। କେବଳ ରାଜନୀତି ଏକ ଅର୍ଥ ରୋଜଗାରର ମାଧ୍ୟମ ହେଲାଣି। ଏଣୁ ସଂସଦ ହେଉ କି ବିଧାୟକ ହେଉ, ଯେଉଁ ପ୍ରତିଶ୍ରୁତି ନେଇ ଜନତାଙ୍କ ଭୋଟରେ ବିଜୟୀ ହୋଇ ଶେଷରେ ଦେଇଥିବା ପ୍ରତିଶ୍ରୁତିର ଖିଲାପ କରେ, ସେଥିପାଇଁ ନିୟମ କାନୁନ ଆସିବା ଉଚିତ। ଏଣୁ ମିଥ୍ୟ ପ୍ରତିଶ୍ରୁତି ବା ଚଞ୍ଚକତା ପାଇଁ ତାଙ୍କ ନାମରେ ମମଲା ରୁଜୁ ହେବା ଆବଶ୍ୟକ।

ଅନ୍ୟପକ୍ଷରେ ନେତା ହେବା ପାଇଁ ଯେଉଁ ସବୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ରହିଛି, ସେଥିରେ ପରିବର୍ତ୍ତନ ହେବା ଆବଶ୍ୟକ। ଜଣେ ବିଧାୟକ ବା ସଂସଦ ହେବା ପାଇଁ ସାଧାରଣତଃ ଗ୍ରାଜୁଏଟ ହେବା ଆବଶ୍ୟକ। କାରଣ ନେତାମାନେ ସାଧାରଣ ଟିକସରୁ ମାସିକ ମୋଟା ଅଙ୍କର ଦରମା ନେବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ନେଇଥାନ୍ତି। ଏହା ଛଡା ୫ ବର୍ଷ ପାଇଁ ଥରଟିଏ ନେତା ହେଲେ ଭତ୍ତା ମଧ୍ୟ ସାରା ଜୀବନ ପ୍ରାପ୍ତ କରିଥାନ୍ତି। ଯଦି ଜଣେ ଝାଡୁଦାର ବା ଚପରାସୀ ହେବାକୁ ସାଧାରଣତଃ ଯୋଗ୍ୟତାର ମାନଦଣ୍ଡ ରହିଛି, ତେବେ ନେତା ହେବା ପାଇଁ କାହିଁକି ଶିକ୍ଷାଗତ ଯୋଗ୍ୟତା ରହିବ ନାହିଁ ? ଯଦି ସଂସଦ ବା ବିଧାନସଭାରେ ନୀତି ନିର୍ମାଣ ହୁଏ, ତେବେ ଅଶିକ୍ଷିତ ନେତାମାନେ କିଭଳି ନୀତି ନିର୍ଦ୍ଧାରଣ କରିବେ, ଏହା ସବୁଠାରୁ ଆଶ୍ଚର୍ଯ୍ୟର କଥା। ଏଣୁ ଏ ସମ୍ପର୍କରେ ନିର୍ବାଚନ କମିଶନ ବିଚାର କରିବା ଉଚିତ। ନତୁବା ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ତଥା ବାଧାୟକମାନଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବା ଉଚିତ। ଯେଉଁ ସମୟରେ ସଂବିଧାନ ପ୍ରଣୟନ ହୋଇଥିଲା, ସେହି ସମୟରେ ଭାରତରେ ଶିକ୍ଷା ର ହର ନଗଣ୍ୟ ଥିଲା। ବର୍ତ୍ତମାନ ଯଦି ହୋମ୍? ଗାର୍ଡ ଚାକିରି ପାଇଁ ପିଜି କମ୍ପ୍ଲିଟ କରିଥିବା ଯୁବକ ଯୁବତୀ ହଜାର ହଜାର ପ୍ରାପ୍ତ, ତେବେ ଆଙ୍ଗୁଠା ଚାପ୍? ନେତାର କଣ ଆବଶ୍ୟକ?

ଭୋଟରମାନେ ମଧ୍ୟ ସଚେତନ ହେବା ଆବଶ୍ୟକ। ଆଙ୍ଗୁଠା ଚାପ୍ ନେତାଙ୍କୁ ଭୋଟ ନ ଦେବା ପାଇଁ ନିଷ୍ପତ୍ତି ନେବା ଉଚିତ। ଶିକ୍ଷିତ ନେତା ଯଦି ପ୍ରାର୍ଥୀ ନ ହୁଏ, ତେବେ ଭୋଟ ବର୍ଜନ କରିବା ଶ୍ରେୟସ୍କର। ମୂର୍ଖ ବ୍ୟକ୍ତି ନେତା ହୋଇ ସାଧାରଣ ଜନତାଙ୍କ ଟିକସରେ ମୋଟା ଅଙ୍କର ଦରମା ନେବା ଉଚିତ କି ?

ଆଜି ଏ ସମ୍ପର୍କରେ ସମସ୍ତ ମତଦାତା ବା ନାଗରିକମାନେ ଚିନ୍ତା କରିବାର ସମୟ ଆସିଛି।

ଏହା ବ୍ୟତୀତ ନେତା ହେଲା ପରେ ନିଜର ଦାୟିତ୍ୱ ବୋଧ ଭୁଲି ଯେଉଁ ନେତାମାନେ କାର୍ଯ୍ୟ ନକରିନ୍ତି, ତାଙ୍କ ନାମରେ ମହାଅଭିଯୋଗ ଅଣା ଯାଇ ସଂପୃକ୍ତ ନିର୍ବାଚନ କମିଶନଙ୍କ ସେ ସମ୍ପର୍କରେ କାରଣ ଦର୍ଶାଅ ନୋଟିସ୍ ଜାରି କରିବା, କାର୍ଯ୍ୟରୁ ନିଲମ୍ବିତ କରିବା,ଦରମା ସ୍ଥଗିତ କରିବାର ବିଧି ବ୍ୟବସ୍ଥା କରିବା ଉଚିତ। ଯଦି ଜଣେ ସରକାରୀ ଚାକିରିଆ ପାଇଁ ଏସବୁ କଟକଣା ରହିଛି, ତେବେ ନେତାମାନଙ୍କ କ୍ଷେତ୍ରରେ କୋହଳ କାହିଁକି। ଜନତା ହେଉଛି ସର୍ବୋଚ୍ଚ କର୍ତ୍ତା। ନେତା ଜଣେ ସେବକ। ଯେପରି ଚାକିରିଆ। ଏଣୁ ନିର୍ବାଚନ କମିଶନ ଏ ସବୁ ନିୟମକୁ ଯଦି ଲାଗୁ ନ କରନ୍ତି। ଦେବେ ଦେଶର ପ୍ରଗତି ପାଇଁ ଉତ୍ତରଦାୟୀ ରହିବ କିଏ ? ବାକି ରହିଲା ଆୟବର୍ହିଭୂତ ସଂପତ୍ତି। ଯଦି ଜଣେ ସରକାରୀ ଚାକିରିଆ ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଜେଲ ଯାଉଛି, ତେବେ ନେତାମାନଙ୍କୁ ଖୋଲା ଛୁଟ୍? କାହିଁକି? ନେତାମାନଙ୍କ ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର ପାଇଁ ଏକ ସ୍ୱତନ୍ତ୍ର କମିଶନ ଗଠନ ହେବା ଆବଶ୍ୟକ, ଯେଉଁ ଥିରେ ନେତାମାନେ ସେମାନଙ୍କ ଆୟବ୍ୟୟ ବାର୍ଷିକ ବିବରଣୀ ପ୍ରତି ବର୍ଷ ପ୍ରଦାନ କରିବେ।

କହିବାକୁ ଗଲେ ଏ ଦେଶର ସମ୍ପତ୍ତି ଅଧିକାଂଶ ନେତାମାନଙ୍କ ହାତରେ ଠୁଳ। ଅନ୍ୟ ପକ୍ଷରେ ଦେଶର ଉନ୍ନତି, ମୁଦ୍ରାସ୍ଫୀତି, ବେକାରୀ ସମସ୍ୟା, ଦାରିଦ୍ର୍ୟ ସମସ୍ୟା, ଦାଦନ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ନେଲାଣି। ଏଣୁ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ। ରାଜନୈତିକ ଦଳ ତଥା ନେତାମାନଙ୍କ କ୍ଷେତ୍ରରେ କୋହଳ ମନୋବୃତ୍ତି ଏ ଦେଶର ପ୍ରଗତିରେ ପ୍ରତିବନ୍ଧକ ଭାବେ ଦଣ୍ଡାୟମାନ। ବର୍ତ୍ତମାନ ନେତାଙ୍କ ପାଇଁ କିଛି ନୀତି ନିୟମ ପ୍ରଣୟନ ହେବାର ଆବଶ୍ୟକତାକୁ ଗୁରୁତ୍ୱ ସହକାରେ ଚିନ୍ତା କରିବାର ସମୟ ଆସିଛି।

**କେଶବ ଚନ୍ଦ୍ର ନାୟକ,**
**ଏମଏ, ସମାଜ ବିଜ୍ଞାନ, ସଭାପତି,**
**ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି**

## ସମୟ ବଞ୍ଚାଇ ବଞ୍ଚିବାକୁ ଭୁଲିଗଲା ମଣିଷ

ଆଜି ମଣିଷ ଦ୍ରୁତ ଚାଲିବା ଶିଖିଗଲା, କିନ୍ତୁ କାହାର ମନକଥା ଶୁଣିବାକୁ ଭୁଲିଗଲା। ଘର ବଡ଼ ହୋଇଛି, କିନ୍ତୁ ପରିବାରର ଆତ୍ମୀୟତା ଛୋଟ ହୋଇଯାଇଛି। ଜୀବନରେ ସୁବିଧା ବଢ଼ିଛି, କିନ୍ତୁ ମନର ଶାନ୍ତି ଧୀରେଧୀରେ ଅଦୃଶ୍ୟ ହେଉଛି। ମଣିଷ ଆଜି ଚନ୍ଦ୍ରକୁ ପହଞ୍ଚିଯାଇଛି, କିନ୍ତୁ ପାଖରେ ବସିଥିବା ନିଜ ଲୋକଙ୍କ ହୃଦୟକୁ ପହଞ୍ଚିବାର ସମୟ ହରାଇଦେଇଛି।

ଆଜିର ଯୁଗକୁ ''ଦ୍ରୁତଗାମୀ ଯୁଗ'' ବୋଲି କୁହାଯାଏ। ବିଜ୍ଞାନ, ପ୍ରଯୁକ୍ତି ଓ ଡିଜିଟାଲ୍ ବ୍ୟବସ୍ଥା ମଣିଷର ଜୀବନକୁ ଅପୂର୍ବ ଭାବରେ ସହଜ କରିଦେଇଛି। ପୂର୍ବେ ଯେଉଁ କାମ ପାଇଁ ଘଣ୍ଟା, ଦିନ କମ୍ବା ସପ୍ତାହ ଲାଗୁଥିଲା, ଆଜି ସେହି କାମ କେବଳ କିଛି ମିନିଟ୍‌ରେ ସମ୍ପୂର୍ଣ୍ଣ ହୋଇଯାଉଛି। ଦୂରତ୍ୱ କମିଛି, ସୂଚନାର ଗତି ବଢ଼ିଛି, ସୁବିଧା ବଢ଼ିଛି। ତଥାପି ଏହି ସମସ୍ତ ଉନ୍ନତିର ମଧ୍ୟରେ ଏକ ବିଚିତ୍ର ପ୍ରଶ୍ନ ଆଜି ସମାଜ ସାମ୍ନାରେ ଦଣ୍ଡାୟମାନ ହୋଇଛି , ମଣିଷ ପାଖରେ ଆଉ ସମୟ କାହିଁକି ନାହିଁ?

ଆଜି ପ୍ରାୟ ପ୍ରତ୍ୟେକ ମଣିଷଙ୍କ ମୁଖରେ ଗୋଟିଏ ସାଧାରଣ କଥା ଶୁଣିବାକୁ ମିଳେ , ''ମୋ ପାଖରେ ସମୟ ନାହିଁ।''

ଏହା କେବଳ ଏକ ସାଧାରଣ ବାକ୍ୟ ନୁହେଁ, ବରଂ ଆଧୁନିକ ସମାଜର ଏକ ଗଭୀର ମାନସିକ ଓ ସାମାଜିକ ସଂକଟର ପ୍ରତିଛବି।

ପୂର୍ବେ ଲୋକମାନେ ଅଧିକ କଷ୍ଟ କରୁଥିଲେ, କିନ୍ତୁ ଅଧିକ ସମୟ ପରସ୍ପରକୁ ଦେଉଥିଲେ। ସନ୍ଧ୍ୟା ହେଲେ ପରିବାର ଏକାଠି ବସୁଥିଲା, ପଡ଼ୋଶୀଙ୍କ ସହ ସମ୍ପର୍କ ରହୁଥିଲା, ବନ୍ଧୁମାନଙ୍କ ସହ ଆଲୋଚନା ହେଉଥିଲା। ଘରର ଆଙ୍ଗଣରେ ହସର ଶବ୍ଦ ଥିଲା, ସମ୍ପର୍କରେ ଉଷ୍ମତା ଥିଲା।

କିନ୍ତୁ ଆଜି ଘରେ ସମସ୍ତେ ଥାଇ ମଧ୍ୟ ମନରେ ଦୂରେଇ ଯାଉଛନ୍ତି। ଏକ ଘରରେ ବସିଥିବା ଲୋକମାନେ ମଧ୍ୟ ମୋବାଇଲ୍ ପର୍ଦ୍ଦାରେ ବନ୍ଦୀ ହୋଇପଡ଼ିଛନ୍ତି। କଥାବାର୍ତ୍ତାର ସ୍ଥାନ ନେଇଛି ''ଚ୍ୟାଟ୍'', ଭାବନାର ସ୍ଥାନ ନେଇଛି ''ରିଆକ୍ସନ୍'' ଓ ''ଇମୋଜି''।

ପ୍ରଯୁକ୍ତି ମଣିଷକୁ ନିକଟକୁ ଆଣିବା ପାଇଁ ଆସିଥିଲା, କିନ୍ତୁ ବାସ୍ତବରେ ଏହା ମନର ଦୂରତ୍ୱକୁ ବଢ଼ାଇଦେଇଛି। ସୋସିଆଲ୍ ମିଡିଆରେ ଶତାଧିକ ମିତ୍ର ଥିଲେ ମଧ୍ୟ ଆଜି ମଣିଷ ଭିତରୁ ଏକାକୀ ହୋଇଯାଇଛି। ପରିବାର ସହ ବସିବାକୁ ସମୟ ନାହିଁ, ମା'–ବାପାଙ୍କ ସହ କଥା ହେବାକୁ ସମୟ ନାହିଁ, ପୁସ୍ତକ ପଢ଼ିବାକୁ ସମୟ ନାହିଁ, ପ୍ରକୃତିକୁ ଅନୁଭବ କରିବାକୁ ସମୟ ନାହିଁ।

କିନ୍ତୁ ଘଣ୍ଟା ଘଣ୍ଟା ଧରି ମୋବାଇଲ୍‌ରେ ରିଲ୍ସ ଦେଖିବା, ଅନଲାଇନ୍ ବାଦବିବାଦ କରିବା ଓ ଅର୍ଥହୀନ ତଥ୍ୟରେ ବ୍ୟସ୍ତ ରହିବା ପାଇଁ ସମୟ ଅଛି।

ଏହା ଆଧୁନିକ ଜୀବନର ସବୁଠାରୁ ବଡ଼ ବିରୋଧାଭାସ।

ଆଜି ବ୍ୟସ୍ତ ରହିବାକୁ ଲୋକମାନେ ସଫଳତାର ପରିମାପ ବୋଲି ଭାବିନେଇଛନ୍ତି। ଯେଉଁଠାରେ ମଣିଷ ନିଜର ଶାନ୍ତି, ମୈତ୍ରୀ ଓ ସମ୍ପର୍କକୁ ହରାଇ ଦେଉଛି, ସେଠାରେ ସଫଳତାର ଅର୍ଥ ଆସ୍ତେଆସ୍ତେ ଶୂନ୍ୟ ହୋଇଯାଉଛି। ଆମେ ସମୟକୁ ବଞ୍ଚାଇବା ପାଇଁ ଯନ୍ତ୍ର ତିଆରି କଲୁ, କିନ୍ତୁ ସେହି ଯନ୍ତ୍ର ଆମର ସମୟକୁ ନିଜେ ଦଖଲ କରିନେଲା।

ମୋବାଇଲ୍ ଆଜି କେବଳ ଏକ ଯନ୍ତ୍ର ନୁହେଁ, ମଣିଷର ଚିନ୍ତାଧାରା, ଅଭ୍ୟାସ ଓ ଜୀବନଶୈଳୀକୁ ନିୟନ୍ତ୍ରଣ କରୁଥିବା ଏକ ଅଦୃଶ୍ୟ ଶକ୍ତିରେ ପରିଣତ ହୋଇଯାଇଛି।

ଏହାର ପ୍ରଭାବ କେବଳ ବ୍ୟକ୍ତିଗତ ଜୀବନରେ ସୀମିତ ନୁହେଁ, ସମଗ୍ର ସମାଜ ଉପରେ ମଧ୍ୟ ପଡ଼ୁଛି। ଧୈର୍ଯ୍ୟ କମୁଛି, ସହନଶୀଳତା ହ୍ରାସ ପାଉଛି, ମାନସିକ ଚାପ ବଢ଼ୁଛି। ପରିବାରରେ ଭାବନାତ୍ମକ ଦୂରତ୍ୱ ବଢ଼ୁଛି। ପିଲାମାନେ ଖେଳପଡ଼ିଆରୁ ଦୂରେଇ ଯାଉଛନ୍ତି, ବୃଦ୍ଧମାନେ ଏକାକୀ ହେଉଁଛନ୍ତି, ଯୁବପିଢ଼ୀ ଚାପ ଓ ଅସ୍ଥିରତାରେ ବଞ୍ଚୁଛନ୍ତି।

ଆଜିର ପିଲାମାନେ ମାଟି ଧୂଳି ର ଗନ୍ଧ, ଗୁଲି ର ଖେଳ ଓ ଅଜା ଆଇଙ୍କ କାହାଣୀଠାରୁ ଧୀରେଧୀରେ ଦୂରେଇ ଯାଉଛନ୍ତି। ସେମାନଙ୍କ ଶୈଶବ ଆସ୍ତେଆସ୍ତେ ସ୍କ୍ରିନ୍?ର ଆଲୋକରେ ବନ୍ଦୀ ହୋଇପଡ଼ୁଛି। ଯେଉଁ ବୟସରେ ସେମାନେ ପ୍ରକୃତିକୁ ଅନୁଭବ କରିବାକୁ ଥିଲେ, ସେହି ବୟସରେ ସେମାନେ ଡିଜିଟାଲ୍ ଜଗତର କୃତ୍ରିମ ଆକର୍ଷଣରେ ଆବଦ୍ଧ ହୋଇଯାଉଛନ୍ତି।

ଏହି ପରିସ୍ଥିତିରେ ଆଜି ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଜୀବନରେ ପୁଣିଥରେ ସମତୁଳନ ଫେରାଇବା। ପ୍ରଯୁକ୍ତିକୁ ଉପଯୋଗ କରିବା ଉଚିତ୍, କିନ୍ତୁ ତାହାର ଦାସ ହୋଇ ନୁହେଁ। ସମୟକୁ କେବଳ କାମ ଓ ଉପାର୍ଜନରେ ସୀମିତ ରଖି ନ ଦେଇ, ସମ୍ପର୍କ, ପରିବାର, ପ୍ରକୃତି ଓ ଆତ୍ମଚିନ୍ତନ ପାଇଁ ମଧ୍ୟ ସମୟ ଦେବା ଆବଶ୍ୟକ।

ଦିନର କେବଳ କିଛି ମିନିଟ୍ ଯଦି ଆମେ ମୋବାଇଲ୍‌ରୁ ଦୂରେଇ ନିଜ ସହିତ, ପରିବାର ସହିତ କିମ୍ବା ପ୍ରକୃତି ସହିତ ବିତାଇପାରୁ, ତେବେ ହୋଇପାରେ ଜୀବନ ପୁଣିଥରେ ଜୀବନ ପରି ଲାଗିବ।

ସମାଜର ସତ୍ୟ ଉନ୍ନତି ସେତେବେଳେ ସମ୍ଭବ, ଯେତେବେଳେ ମଣିଷ ଯନ୍ତ୍ରରୁ ନୁହେଁ, ମଣିଷତ୍ୱରୁ ନିୟନ୍ତ୍ରିତ ହେବ। ନଚେତ୍ ଏକ ଦିନ ଏମିତି ଆସିବ, ଯେତେବେଳେ ମଣିଷ ସବୁକିଛି ପାଇଥିବ, କିନ୍ତୁ ମନର ଶାନ୍ତି, ସମ୍ପର୍କର ଉଷ୍ମତା ଓ ଜୀବନର ସତ୍ୟ ସୁଖକୁ ହରାଇଦେଇଥିବ।

ଶେଷରେ ପ୍ରଶ୍ନ କେବଳ ଏତିକି , ଆମେ ସତରେ ସମୟର ଅଭାବରେ ଅଛୁ କି, ନା କି ଜୀବନର ସଠିକ୍ ପ୍ରାଥମିକତାକୁ ଭୁଲିଯାଇଛୁ?

''ସମୟ ନାହିଁ'' ବୋଲି କହିବା ପୂର୍ବରୁ ଥରେ ଭାବନ୍ତୁ , ଯାହାଙ୍କ ପାଇଁ ଆଜି ସମୟ ନାହିଁ, କାଲି ସେମାନେ ହୋଇପାରେ ଆପଣଙ୍କ ସହିତ ନଥିବେ। ''ମଣିଷ ଯେତେବେଳେ ଘଡ଼ିକୁ ଅଧିକ ମୂଲ୍ୟ ଦେଇ ସମ୍ପର୍କକୁ ଅବହେଳା କରେ,ସେତେବେଳେ ଜୀବନ ଧୀରେଧୀରେ ଯନ୍ତ୍ରରେ ପରିଣତ ହୋଇଯାଏ।''

ଘଡ଼ିର କାଠି ଆଗକୁ ବଢୁଛି, କିନ୍ତୁ ସମ୍ପର୍କଗୁଡ଼ିକ ପଛକୁ ଛାଡ଼ିଯାଉଛି।

**ସୌଜନ୍ୟ କୁମାର ପରିଡା**
**ଲକ୍ଷ୍ମୀନାରାୟଣ ବଜାର, ବାରୁଅ, କେନ୍ଦ୍ରାପଡ଼ା**

## ॥ ଆନନ୍ଦ ହିଁ ଈଶ୍ୱର ॥

ଆନନ୍ଦ ବା ଆରାମ ବା ଯାହାକୁ ମାନସରେ ବହୁବାର ବିଶ୍ରାମ ବୋଲି କୁହାଯାଇଛି ଏବଂ ଭିନ୍ନ ଭିନ୍ନ ସ୍ଥାନରେ ଯାହାକୁ ସୁନ୍ଦର ଭାବେ ସଂଜ୍ଞାୟିତ କରାଯାଇଛି ମଧ୍ୟ । ତୁଳସୀ ଦାସଙ୍କ ଭାଷାରେ–ଏହି ଆନନ୍ଦ ହେଉଛି ରାମ ଚରିତ ମାନସ ଶ୍ରବଣ ଜନିତ ଆନନ୍ଦର ନାମାନ୍ତର ଓ ଯାହା ବିଶ୍ରାମ । ସମୁଦ୍ର ଲଙ୍ଘନରତ ମହାବୀର ହନୁମାନଙ୍କୁ ମୈନାକ ପର୍ବତ କିଂଚିତ ବିଶ୍ରାମ କରିବାକୁ ନିବେଦନ କରନ୍ତେ ଶ୍ରୀ ହନୁମାନ କହିଲେ–ରାମ କାଜୁ କିନ୍ହେଁ ବିନୁ ମୋହି କହାଁ ବିଶ୍ରାମ । ଅର୍ଥାତ୍ ଶାରୀରିକ ହେଉ ବା ମାନସିକ ହେଉ ଶ୍ରମ ହିଁ ବିଶ୍ରାମ । ସ୍ୱର୍ଗଠାରୁ ଶତଗୁଣ ପ୍ରାଚୁର୍ଯ୍ୟରେ ଭରପୂର ସ୍ୱର୍ଣ୍ଣମୟୀ ଲଙ୍କାପୁରୀ ବିଭୀଷଣଙ୍କୁ ଶାନ୍ତି ବା ବିଶ୍ରାମ ଦେଇପାରିଲାନି । ସେଠାରେ ସଂସ୍କାର ଆଣିବା ପାଇଁ ଚେଷ୍ଟା କରି ସେ ରାବଣର ଗୋଇଠା ପ୍ରହାର ଖାଇ ପହଞ୍ଚିଲେ ଶ୍ରୀରାମଙ୍କ ଶରଣରେ । ନିଜ ପରିବାର ସହ ସମସ୍ତଙ୍କ କୁଶଳ ପୁଛା କରନ୍ତି ପ୍ରଭୁ ଶ୍ରୀରାମ ଏବଂ ବିଭୀଷଣ କହନ୍ତି–ଜୀବନ ସେତେବେଳେ ଯାଏଁ କୁଶଳରେ ବା ବିଶ୍ରାମରେ ଅଛି ବୋଲି କହିପାରିବେ ନାହିଁ ଯେ ପର୍ଯ୍ୟନ୍ତ ଏ ସଂସାର ଦୁଃଖାଳୟ ବିଷୟରେ ବିଚାର କରି ଶ୍ରୀରାମଙ୍କ ଆଶ୍ରିତ ହୋଇପାରୁନାହିଁ । ଯଦି କେହି କୁଶଳରେ ଅଛି ବୋଲି ଦାବୀ କରେ ସେ ରାବଣ ଆଦି ରାକ୍ଷସଙ୍କ ପରି କୁଶଳରେ ଥାଇପାରେ। ସୁତରାଂ ଆନନ୍ଦ ହିଁ ଶ୍ରୀରାମଙ୍କ ଶରଣର ଫଳ ।

(ସୌଜନ୍ୟ : ଅଖଣ୍ଡ ଜ୍ୟୋତି)

# କଳା ହୃଦୟର ଲାଲ ପ୍ରେମ

କଣ ଥିଲା କେଜାଣି ସରୋଜ ଙ୍କ କଥାରେ ଯେ ବିନି ବିଚଳିତ ହୋଇପଡ଼ିଲା । ତା ବୟସର ଝିଅ କେହି ସରୋଜ ର ଏପରି ଶବ୍ଦ ଯାଦୁରେ ଉବୁଟୁବୁ ହେବ ଶୁଣିଲେ ଯେ କେହି ଭାବିବ ବିନିକୁ ପ୍ରେମ ହୋଇଗଲା କିନ୍ତୁ ବିନି ଭୁଲିପାରିନଥିଲା ତା ସ୍ୱାମୀ ଅଶୋକ ର ସେଇ ଶେଷ କେଇପଦ କଥା ଯାଦୁ ପରି ପ୍ରତ୍ୟକ ଶବ୍ଦ ଭିତରେ ଥିବା ଅନ୍ତର୍ଦାହକୁ । ବିବାହର ମାସ କେଇଟା ଯାଇନି ଜଣା ପଡିଲା ଅଶୋକ କ୍ୟାନ୍ସର ପେସେଣ୍ଟ । ଶାଶୁ ଶଶୁର ନଥିବା ଶାଶୁଘର ବିନିକୁ ଏବେ ଅଶୋକ ଗୋଟେ ମଉଳା ଫୁଲ ପରି ପ୍ରତୀୟମାନ ହେଲା ବେଳେ ସେ ନିଷ୍ପତ୍ତି ନେଲା ଯେ କୌଣସି ବିନିମୟରେ ସେ ଅଶୋକକୁ ଭଲ କରିବ । ଘର,ଜମି ବାଡ଼ି,ନିଜର ଅଳଙ୍କାର ସମସ୍ତ ଆସବାସ ପତ୍ର ବିକି ଅଶୋକକୁ ଭଲ କରିପାରିନଥିଲା ବିନି । ଅଶୋକର ଶେଷ କେଇପଦ କଥାର ଯାଦୁ ତା ହୃଦୟ ତନ୍ତ୍ରୀ ରେ ବୀଣା ହୋଇ ବାଜୁଥିଲା । ଡାକ୍ତର ନାହିଁ କରିଦେବା ପରେ ମଧ୍ୟ ବିନିର ବିଶ୍ୱାସ ଥିଲା । କୌଣସି ମିରାକିଲ ତା ସ୍ୱାମୀଙ୍କୁ ବଂଚେଇଦେବ କିନ୍ତୁ ଅଶୋକଙ୍କୁ ଯେତେ ଲୁଚେଇଲେ ମଧ୍ୟ ସେ ଜାଣି ପାରିଥିଲେ ଓ କହିଥିଲେ ଆରବର୍ଷର ଦୀପାବଳୀ ଆଲୋକ ଦେଖିବାକୁ ମୁଁ ନଥିବି ସତ ହେଲେ ମୋ ଆଖି ଦୁଇଟି ଯେମିତି ଦେଖିପାରିବ ସେ ବ୍ୟବସ୍ଥା ମୁଁ କରିସାରିଛି । ତୁମେ ରାଜି ହୋଇ ଉପଯୁକ୍ତ ପଦକ୍ଷେପ ନେବ ବିନି । ଜଣେ ଅନ୍ଧକୁ ମୋ ଚକ୍ଷୁ ଦାନ କରିବ ବିନି । କଥାଦିଅ । ତୁମ ଛଡା ଏ ସଂସାରରେ ମୋର ଆଉ କିଏ ଅଛି କହିଲ!ଦୁଃଖ ହତାଶା ନିରାଶା ଭିତରେ ବି ବିନି ସ୍ୱାମୀଙ୍କ ଶବ୍ଦ ଯାଦୁରେ ସ୍ଥିର ହେଲା ।ଅବିଚଳିତ ଭାବରେ ସେହି ହସ୍ପିଟାଲରେ ଜଣେ ଡାକ୍ତର ଛାତ୍ର ସରୋଜ ଯିଏକି ଦୁର୍ଘଟଣାରେ ଆଖି ଦୁଇ ହରେଇଥିଲେ ତାଙ୍କୁ ଅଶୋକଙ୍କ ଦୁଇ ଆଖି ଦାନ କରାଯାଇଥିଲା ଡାକ୍ତରମାନଙ୍କ ସଫଳ ଅସ୍ତ୍ରପୋଚାର ଜରିଆରେ । ଫେରିଆସିଥିଲା ବିନି ବାପା ମାଆଙ୍କ ସଙ୍ଗେ କିନ୍ତୁ ଆଖିରୁ ବ୍ୟାଣ୍ଡେଜ ଖୋଲିବା ଦିନ ସରୋଜ ଚାହିଁଥିଲା କି ତାକୁ ଆଖି ଦାନ କରିଥିବା ଡୋନର ବିନିକୁ ସେ ପ୍ରଥମ ଦେଖିବ । ବାପା ମାଆଙ୍କ ସଙ୍ଗେ ବିନି ହସ୍ପିଟାଲ ଯିବ ବୋଲି କଥା ଦେଇ ମଧ୍ୟ କଥା ରଖିପାରିନଥିଲା । ନିର୍ଦ୍ଦିଷ୍ଟ ସମୟରେ ସରୋଜ ଆଖିରୁ ପଟି ଖୋଲିବା ବେଳେ ସେ ନିଜ ବାପା ମାଆ, ସାଙ୍ଗ ସାଥି ବନ୍ଧୁ ବାନ୍ଧବ ଓ ଚିହ୍ନା ଅଚିହ୍ନା ଙ୍କ ଭିତରେ, କେବେ ଡୋନର ବିନିଙ୍କୁ ଖୋଜୁଥିଲା ବିକଳ ଓ ଆକୁଳରେ । ବିନି କିନ୍ତୁ ମନା କରିଦେଇଥିଲା ପରେ କହିକି ଯେ ସେ ତା ସ୍ୱାମୀର ଆଖି ଧାରଣ କରିଥିବା ବ୍ୟକ୍ତିକୁ ଦେଖିପାରିବ ନାହିଁ । ବିନି କାନରେ ସ୍ୱାମୀଙ୍କର ସେହି କେଇପଦ ଶେଷ କଥା କାନରେ ଗୁଞ୍ଜରିତ ହେଉଥିଲା । ସ୍

## କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣା

# ବିଚାର ବିଭାଗୀୟ ତଦନ୍ତ,ଆର୍ଥିକ ସହାୟତା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ- ଫରୱାର୍ଡ ବ୍ଲକ

କବିସୂର୍ଯ୍ୟନଗର,୮।୬ (ଆନିସ): କବିସୂର୍ଯ୍ୟନଗର ପୁଲିସର ଥାର୍ଡ ଡିଗ୍ରୀ ଯୋଗୁଁ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁଙ୍କ ମୃତ୍ୟୁ ଘଟଣାରେ ପୁଲିସର ବର୍ବରତା ଗ୍ରହଣୀୟ ନୁହେଁ ବୋଲି ଫରୱାର୍ଡ ବ୍ଲକ ପକ୍ଷରୁ କୁହାଯାଇଛି। ଅଭିଯୋଗ ଫର୍ଦ୍ଦରେ ସୁଶାନ୍ତଙ୍କ ନାମ ନଥିବା ବେଳେ ପୁଲିସ ତାଙ୍କୁ ୭ ଦିନଧରି ରଖି ଶାରୀରିକ ନିର୍ଯାତନା ଦେଇ ପିଟିପିଟି ହତ୍ୟା କରିଛି। ଏଭଳି ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଅଲ୍? ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ମୃତକଙ୍କ ପରିବାରକୁ ସୁବଳିଆ ଗ୍ରାମରେ ସାକ୍ଷତ କରି ଆଲୋଚନା କରିଛନ୍ତି। ଫରୱାର୍ଡ ବ୍ଲକ ପକ୍ଷରୁ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁ ହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ,ମୃତ

ସୁଶାନ୍ତଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁ ହତ୍ୟାକାଣ୍ଡ ଘଟଣାରେ ଆଇପିଏସ ଅଧିକାରୀ ସମେତ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ଶାରୀରିକ ନିର୍ଯାତନା ଓ ହତ୍ୟା ଭଳି ଅପରାଧିକ ମାମଲା ରୁଜୁ କରାଯାଉ,ଭାଟଖାଲି ପାହାଡ ନିକଟରେ ମହିଳା ଶ୍ରମିକଙ୍କୁ ଅସାଦାଚରଣ ଓ ଆକ୍ରମଣ ଘଟଣାରେ ସମ୍ପୃକ୍ତ ପୁଲିସ ଓ ଖଣି ଅଧିକାରୀଙ୍କ ବିରୁଦ୍ଧରେ ଅପରାଧିକ ମମଲା ରୁଜୁ କରାଯାଉ,ବୟାନ ବଦଳାଇବାକୁ ମୃତକଙ୍କ ଭାଇ ଉପରେ ଚାପ ଓ ଧମକ ଦେଉଥିବା ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅନ୍ୟ ପକ୍ଷରେ ଘଟଣାର ଆଠ ଦିନ ପରେ ସ୍ଥାନୀୟ ବିଧାୟକ ଆସି ସୁଶାନ୍ତଙ୍କ ପରିବାରର ଦାୟିତ୍ୱ ମୋର ବୋଲି କହୁଥିବା ବେଳେ ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ନିଜେ ବିଧାୟକ ଅଟନ୍ତି। ତାଙ୍କ ପାଖରେ ଥିବା ବାଲି ମାଫିଆ, ପଥର ମାଫିଆଙ୍କୁ ଏହି ପାହାଡ଼କୁ ଦେବାର ଯୋଜନା କରି ପୋଲିସ, ଖଣି ଅଧିକାରୀଙ୍କୁ ଲଗାଇ ସେଠାରୁ ଏହି ଶ୍ରମିକ ଶ୍ରେଣୀର ଲୋକ ମାନଙ୍କୁ ତଡ଼ି ବାହାର କରିବା ପାଇଁ ପଠାଇ ଥିବାରୁ ବିଧାୟକଙ୍କୁ ମଧ୍ୟ ତଦନ୍ତ ପରିସରକୁ ଆଣିବା ଆବଶ୍ୟକତା ରହିଛି ବୋଲି ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଦାବୀ କରିଛି।

# ଅଣ୍ଡଅଣ୍ଡା ଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା
# ପିକଅପ୍ ଓଲଟି ଦୁଇ ମୃତ, ୨୫ରୁ ଉର୍ଦ୍ଧ୍ୱ ଆହତ

ପାତ୍ରପୁର,୮।୬ (ଆନିସ): ଗତକାଲି ସନ୍ଧ୍ୟାରେ ଗଜପତି ଜିଲ୍ଲା ମହେନ୍ଦ୍ରଗିରି ଠାରେ ଆୟୋଜିତ ମହେନ୍ଦ୍ର ମେଳା ଦର୍ଶନ ସାରି ଫେରିବା ବେଳେ ଜରଡ଼ା ଥାନା ଅନ୍ତର୍ଗତ ଅଣ୍ଡଅଣ୍ଡା ନିକଟରେ ଭାରସାମ୍ୟ ହରାଇ ଗୋଟିଏ ପିକଅପ ଭ୍ୟାନ ଓଲଟି ପଡିଥିଲା । ଫଳରେ ଦୁଇ ଜଣଙ୍କ ମୃତ ଘଟିଥିବା ବେଳେ ୨୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ମୃତକ ଦୁଇ ଜଣ ଚିକିଟୀ ବିଜ୍ଞାପିତ ଅଞ୍ଚଳ ପରିଷଦର ଶୁକ୍ରୁ ବେହେରା ଓ ରଙ୍ଗବତୀ ବେହେରା। ସେହିପରି ଆହତ ସମସ୍ତେ ଚିକିଟୀ ଏନ୍‌ଏସି ଅନ୍ତର୍ଗତ ନୂଆଁସାହିର ବାସିନ୍ଦା ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ଏକ ପିକଅପ ଭ୍ୟାନରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ଲୋକ ଗଜପତି ଜିଲ୍ଲା ମହେନ୍ଦ୍ରଗିରି ମେଳା ଦର୍ଶନ ସାରି ଫେରିବା ସମୟରେ ଗତକାଲି ସନ୍ଧ୍ୟାରେ ଜରଡ଼ା ଥାନା ଅନ୍ତର୍ଗତ ଅଣ୍ଡଅଣ୍ଡା ନିକଟରେ ଉକ୍ତ ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ଫଳରେ ପିକଅପ ଭ୍ୟାନରେ ବସିଥିବା ସମସ୍ତ ଯାତ୍ରୀ ଆହତ ହୋଇଥିବା ବେଳେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ, କିଛି ଯୁବ ଗୋଷ୍ଠୀ, ପୁଲିସ ଓ ଅଗ୍ନିଶମ ଙ୍କ ମିଳିତ ଚେଷ୍ଟା ସମସ୍ତ ଆହତଙ୍କୁ ଉଦ୍ଧାର କରି ଅଟୋ ଯୋଗେ ପ୍ରଥମେ ଜରଡା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ସମସ୍ତଙ୍କୁ ପାତ୍ରପୁର ମେଡିକାଲକୁ ବିଭିନ୍ନ ଗାଡ଼ି ମାଧ୍ୟମରେ ପଠାଯାଇଥିଲା । ପରେ ପାତ୍ରପୁର ମେଡ଼ିକାଲରେ ସମସ୍ତ ଆହତ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତ ମାନଙ୍କୁ ଆପୁଲାନ୍ସ, ସରକାରୀ ଓ କିଛି ବେସରକାରୀ ଯାନବାହନରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ବ୍ରହ୍ମପୁର ମେଡ଼ିକାଲ ଠାରେ ଚିକିତ୍ସାଧିନ ଅବସ୍ଥାରେ ଜଣକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ଅନ୍ୟ ପକ୍ଷରେ ସଡ଼କ ଦୁର୍ଘଟଣାଗ୍ରସ୍ତ କଥା ଶୁଣି ସ୍ଥାନୀୟ ଅଞ୍ଚଳର ବହୁ ଯୁବ ଗୋଷ୍ଠୀ ,ଚିକିଟୀ ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ ଓ ପାତ୍ରପୁର ଗ୍ରାମର ବହୁ ସ୍ବେଚ୍ଛାସେବୀ , ପାତ୍ରପୁର ସରପଞ୍ଚ ପାତ୍ରପୁର ମେଡ଼ିକାଲରେ ପହଞ୍ଚି ଆହତଙ୍କୁ ଚିକିତ୍ସା ଓ ସ୍ଥାନାନ୍ତରରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଜରଡା ପୋଲିସ ପକ୍ଷରୁ ତଦନ୍ତ ଜାରି ରଖିଥିବା ନେଇ ଜରଡା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଅଣ୍ଡଅଣ୍ଡା ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦୁଇ ଜଣଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ

ମାଲକାନଗିରି, ୮।୬ (ଆନିସ): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ବା ସ୍ଥିତ ପି ଏମ୍ ଶ୍ରୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟପାଇଁ ଭିତ୍ତିପ୍ରସ୍ତର ସ୍ଥାପନର ଶୁଭାରମ୍ଭ ହୋଇଯାଇଛି । ଆଜି ଏହି ଅବସରରେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ , କୋରକୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ୍ କୁମାର ମିସ୍ତ୍ରୀ, ସାସଦ ପ୍ରତିନିଧି ଅକ୍ଷୟ କୁମାର ବିଶ୍ବାଳ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୃପାସିନ୍ଧୁ ଆପ୍ପୁଗୁଡ଼ିଆ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ ଅବନୀ କାନ୍ତ ଦାସ୍, ଅରୁଣ କୁମାର ରାୟ, ବିଦ୍ୟାଳୟ ର ପ୍ରଧାନଶିକ୍ଷକ ବଳରାମ ପୂଜାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ସୁନା, ସମାଜସେବୀ ସାଧୂ ହନ୍ତାଳ, ଗୋପି ପାଙ୍ଗୀ,

ଭଗବାନ ସାହୁ, ଜ୍ୟୋତି ରଞ୍ଜନ ବେହେରା ଓ ତ୍ରିନାଥ ଶଗରୀଆ ପ୍ରମୁଖ ଉପସ୍ଥିତ ଥିଲେ । ଆରମ୍ଭରେ ସମସ୍ତ ଅତିଥି ମାନେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ ସହ ଦ୍ୱିପ ପ୍ରଜ୍ୱଳନ କରିଥିଲେ । ଏହାପରେ ଏକ ବଡ଼ ସ୍କ୍ରିନ ମାଧ୍ୟମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କର କମଳରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ , ଯାହାର ସିଧା ପ୍ରସାରଣ ସମସ୍ତେ ଦେଖିଥିଲେ । ଏହାପରେ ସମ୍ପୃକ୍ତ ଅତିଥି ମାନେ ବିଦ୍ୟାଳୟ ପରିସରରେ ଉଦ୍ଭିଷ୍ଟ କାର୍ଯ୍ୟ ନିର୍ମାଣ ସମ୍ପର୍କ ଫଳକ ଉନ୍ମୋଚନ କରିଥିଲେ ଓ ଏଥିସହ ଆଜି ଏହି ବିଦ୍ୟାଳୟ ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ ର ଶୁଭାରମ୍ଭ ହୋଇଯାଇଛି । ଆଜିର ସମ୍ପୁର୍ଣ୍ଣ କାର୍ଯ୍ୟକ୍ରମ ର ସଫଳ ପରିଚାଳନା ରେ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଅର୍ଜୁନ ଗଡଙ୍ଗୀ, ସୁଧାକର ନାୟକ, ଉମାଶଙ୍କର ଦାସ ଓ ରମେଶ ଚନ୍ଦ୍ର ନେଲୁର ପ୍ରମୁଖ ସହଯୋଗ କରିଥିଲେ ।

# ଏସଆଇଆର ସର୍ଭେରେ ତ୍ରୁଟି ଅଭିଯୋଗ, ଘରକୁ ଘର ନଯାଇ ଫୋନ୍ ମାଧ୍ୟମରେ ଚାଲିଛି ସର୍ଭେ

ଜୟପୁର,୮।୬ (ଆନିସ): କୋରାପୁଟ ଜିଲ୍ଲାରେ ଚାଲିଥିବା ଏସଆଇଆରସର୍ଭେକୁ ନେଇ ତ୍ରୁଟି ଏବଂ ଅବ୍ୟବସ୍ଥାର ଅଭିଯୋଗ ଉଠିଛି। ନିର୍ଦ୍ଦେଶନାମା ଅନୁଯାୟୀ ଘରକୁ ଘର ଯାଇ ସର୍ଭେ କରିବା କଥା ଥିବା ବେଳେ, ଅନେକ ସ୍ଥାନରେ ଅଧିକାରୀ ଓ ବିଏଲଓ ମାନେ ଫୋନ୍ ମାଧ୍ୟମରେ ସର୍ଭେ କରୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଫୋନ୍ ମାଧ୍ୟମରେ ସର୍ଭେ କରାଯାଉଥିବାରୁ ତଥ୍ୟ ସଂଗ୍ରହରେ ବିଭିନ୍ନ ପ୍ରକାର ତ୍ରୁଟି ଦେଖାଦେଉଛି। ଅନେକ ଲୋକ ସର୍ଭେ ଫର୍ମ ପାଇଁ ଅପେକ୍ଷା କରି ରହିଥିବା ବେଳେ ସେମାନଙ୍କ ଘର ପାଖରେ ଫର୍ମ ପହଞ୍ଚ ନଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ପଚାରିବାରୁ ସର୍ଭେ ଦାୟିତ୍ୱରେ ଥିବା କିଛି କର୍ମଚାରୀ କହିଛନ୍ତି ଯେ, ସେମାନଙ୍କୁ ଯେଭଳି ପ୍ରଶିକ୍ଷଣ ଦିଆଯାଇଛି ସେହି ଅନୁସାରେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ପ୍ରଶିକ୍ଷଣ ଦେଇଥିବା ଅଧିକାରୀମାନେ ବିଏଲଓମାନଙ୍କୁ ସଠିକ୍ ଭାବରେ ଟ୍ରେନିଂ ଦିଆଯାଇଥିବା ଦାବି କରିଛନ୍ତି।ତେବେ ବିଏଲଓମାନେ ଘରକୁ ଘର ଯାଇ ସଠିକ୍ ଭାବେ ସର୍ଭେ କରୁନଥିବାରୁ ଆଗାମୀ ଦିନରେ ବଡ଼ ଧରଣର ତଥ୍ୟଗତ ତ୍ରୁଟି ଦେଖାଦେବାର ଆଶଙ୍କା ପ୍ରକାଶ ପାଇଛି। ଫୋନ୍ ମାଧ୍ୟମରେ ନୁହେଁ, ବରଂ ଘରକୁ ଘର ଯାଇ ସଠିକ୍ ସର୍ଭେ କରିବାକୁ କୋରାପୁଟ ବାସୀ ଦାବି କରିଛନ୍ତି। ସେହିପରି ସର୍ଭେ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# କୋରାପୁଟ ବସ ଷ୍ଟାଣ୍ଡ ନା ଗୋରୁ ଗୁହାଳ,ଯାତ୍ରୀ ହନ୍ତସନ୍ତ

ଜୟପୁର,୮।୬ (ଆନିସ): କୋରାପୁଟ ବସ ଷ୍ଟାଣ୍ଡ ନା ଗୋରୁ ଗୁହାଳ। ସନ୍ଧ୍ୟା ହେଲେ ବସ ଷ୍ଟାଣ୍ଡ ପରିସରରେ ମାଳ ମାଳ ଗୋରୁ। ଯାତ୍ରୀ ହେଉଛନ୍ତି ହନ୍ତସନ୍ତ। କୋରାପୁଟ ସହରର ପ୍ରମୁଖ ବସ ଷ୍ଟାଣ୍ଡର ଅବ୍ୟବସ୍ଥା ଏବେ ଯାତ୍ରୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ରାଜ୍ୟ ତଥା ରାଜ୍ୟ ବାହାରକୁ ପ୍ରତିଦିନ ଶହ ଶହ ବସ ଏହି ବସ ଷ୍ଟାଣ୍ଡରୁ ଯାତାୟାତ କରୁଥିବା ବେଳେ ସନ୍ଧ୍ୟା ହେଲେ ବସ ଷ୍ଟାଣ୍ଡ ପରିସର ଗୋରୁଙ୍କ ଆଦ୍ଦାସ୍ଥଳୀ ପାଲଟିଯାଉଛି। ବସ ଷ୍ଟାଣ୍ଡ ପରିସରରେ ମାଳ ମାଳ ଗୋରୁ ବୁଲୁଥିବା ଦେଖିବାକୁ ମିଳୁଛି। ଫଳରେ ଯାତ୍ରୀମାନେ ବସରେ ଚଢ଼ିବା ଓ ଓହ୍ଲାଇବା ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମହିଳା, ବୃଦ୍ଧ ଓ ଶିଶୁମାନେ ଅଧିକ ହଇରାଣ ହେଉଛନ୍ତି। ଗୋରୁମାନଙ୍କ ଅବାଧ ଚଳପ୍ରଚଳ ଯୋଗୁଁ ବସ ଷ୍ଟାଣ୍ଡରେ ପରିଷ୍କାର ପରିଚ୍ଛନ୍ନତା ମଧ୍ୟ ବ୍ୟାହତ ହେଉଛି। ଏହା ସହିତ ଦୁର୍ଘଟଣା ଘଟିବାର ଆଶଙ୍କା ମଧ୍ୟ ବଢ଼ି ଯାଉଛି। ଯାତ୍ରୀମାନେ ବସ ଷ୍ଟାଣ୍ଡର ଏହି ଅବ୍ୟବସ୍ଥା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସହରର ମୁଖ୍ୟ ପରିବହନ କେନ୍ଦ୍ର ଭାବେ ପରିଚିତ କୋରାପୁଟ ବସ ଷ୍ଟାଣ୍ଡରେ ଏଭଳି ପରିସ୍ଥିତି ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

# ସୋରଲୁକୋଣ୍ଡା ବ୍ୟାରେଜରେ ଗାଧୁଆ ହେଲା କାଳ : ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

କୋରୁକୋଣ୍ଡା,୮।୬ (ଆନିସ): ସୁରୁଲୁକୋଣ୍ଡା ବ୍ୟାରେଜ କୁ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କଲା ଯୁବକ। ଆଜି ଏପରି ଏକ ଦୁଃଖଦ ଘଟଣା ମାଲକାନଗିରି ଜିଲ୍ଲା ବାଲିମେଳା ସ୍ଥିତ ପୋଟେରୁ ଜଳ ସେଚନ ପ୍ରକଳ୍ପ ଅଧୀନରେ ଥିବା ସୋରଲୁକୋଣ୍ଡା ବ୍ୟାରେଜ ରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ମୁତାବକ ଆଜି ରବିବାର ହେତୁ ସୋମନାଥପୁର ପଂଚାୟତ ଅନ୍ତର୍ଗତ ଏମଭି–୩୬ ଗ୍ରାମର ରୂପଚାନ୍ଦ ଧର ଙ୍କ ପରିବାର ସମେତ ପାଖ ପଡୋଶୀ ଏଭଳି ୫ ଟି ପରିବାର ମିଶି ଅପରାହ୍ନ ସମୟରେ ଗାଧୋଇବାକୁ ସୋରଲୁକୋଣ୍ଡା ବ୍ୟାରେଜ ଯାଇଥିଲେ। ତେବେ ସମସ୍ତେ ଗାଧୋଇବା ସମୟରେ ବ୍ୟାରେଜ ର ଜଳ ପ୍ରଖର ସ୍ରୋତରେ ମାଡି ଆସିବାରୁ ରୂପଚାନ୍ଦ ଙ୍କ ପୁଅ ଅନୁପ ଧର(୨୩) ପଥର ମଧ୍ୟରେ ଥିବା ଏକ ଗଭୀର ସ୍ଥାନରେ ଫସି ଯାଇଥିଲେ। ତେବେ ପରିବାର ମିଶି ଏକତ୍ର ହୋଇ ଗାଧୋଇବା ସମୟରେ ନିଜ ମା ସମ୍ମୁଖରେ ପୁଅଟି ଗଭୀର ଜଳରେ ବୁଡି ମୃତ୍ୟୁ ବରଣ କରିବା ଭଳି ହୃଦୟ ବିଦାରକ ଘଟଣା ଘଟିଯାଇଛି। ଖବର ପାଇ ବ୍ୟାରେଜ ରେ ଓରକେଲ ପୋଲିସ ର ଏକ ଟିମ ଏଏସଆଇ ଅଜିତ ଟାକରୀ ଙ୍କ ନେତୃତ୍ୱରେ ପହଂଚିଥିଲା। ଦୀର୍ଘ ସମୟର କସରତ ପରେ ଓରକେଲ ପୋଲିସ ର ଉକ୍ତ ଟିମ ଏବଂ ପରିବାର ବର୍ଗ ଅନୁପ ଙ୍କୁ ପାଣି ମଧ୍ୟରୁ ଖୋଜି ବାହାର କରିଥିଲେ। ଏହାପରେ ସଙ୍ଗେ ସଙ୍ଗେ ଅନୁପ ଙ୍କୁ ବାଲିମେଳା ସ୍ଥିତ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର କୁ

ନିଆଯାଇଥିଲା। ଡାକ୍ତର ସେଠାରେ ଅନୁପକୁ ମୃତ ଘୋଷଣା କରିଥିଲେ। ପରେ ଅନୁପର ମୃତ ଶରୀର ଶବ ବ୍ୟବଚ୍ଛେଦ ନିମନ୍ତେ ପୁଲିସ ମାଲକାନଗିରି ପଠାଇଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଏଏସଆଇ ଶ୍ରୀ ଟାକରୀ ସୂଚନା ଦେଇଛନ୍ତି। ଏହି ଘଟଣା ଶୁଣି ସୋରଲୁକୋଣ୍ଡା ବ୍ୟାରେଜ ନିକଟରେ କିଛି ସମୟ ପାଇଁ ଶତାଧିକ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ତେବେ ଏଭଳି ଦୁଃଖଦ ଘଟଣା ଘଟିବା ଦ୍ୱାରା ଏମଭି–୩୬ ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ର ଛାୟା ଖେଳିଯାଇଛି।

# ମଧ୍ୟରାତ୍ରିରେ ସରକାରୀ ଭଲଭୋ ବସ୍ ଉପରେ ପଥର ମାଡ଼, ଭାଙ୍ଗିଲା ଆଗ କାଚ

ଜୟପୁର,୮।୬ (ଆନିସ): ସେମିଳିଗୁଡା ଠାରେ ମଧ୍ୟରାତ୍ରିରେ ମାତାଲ ଯୁବକଙ୍କ ଉତ୍କଟ କାଣ୍ଡ ଯୋଗୁଁ ଏକ ସରକାରୀ ଭଲଭୋ ବସ୍ କ୍ଷତିଗ୍ରସ୍ତ ହୋଇଛି। ଚଳନ୍ତା ବସ୍ ଉପରେ ଆତର୍କିତ ଭାବେ ପଥର ମାଡ଼ କରାଯିବାରୁ ବସ୍‌ର ଆଗ କାଚ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୁରମାର ହୋଇଯାଇଛି। ସୂଚନା ଅନୁଯାୟୀ, ବିଶାଖାପାଟଣାରୁ ଭବାନୀପାଟଣା ଅଭିମୁଖେ ଯାଉଥିବା ସରକାରୀ ଭଲଭୋ ବସ୍ ସେମିଳିଗୁଡା ଥାନା ଅନ୍ତର୍ଗତ ଦାମନଯୋଡି ଛକ ନିକଟରେ ପହଞ୍ଚିଥିବା ବେଳେ କିଛି ମାତାଲ ଯୁବକ ହଠାତ୍ ବସ୍ ଉପରକୁ ପଥର

ମାଡ଼ କରିଥିଲେ। ଫଳରେ ବସ୍‌ର ସାମ୍ନା କାଚ ଭାଙ୍ଗି ଯାଇଥିଲା। ଘଟଣା ପରେ ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ତେବେ ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଯାତ୍ରୀଙ୍କର କିଛି ହୋଇ ନାହିଁ। ଘଟଣା ପରେ ବସ୍ ଚାଳକ ସେମିଳିଗୁଡା ଥାନାରେ ଲିଖିତ ଏତଲା ଦେଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଆଧାରରେ ପଥର ମାଡ଼ରେ ସମ୍ପୃକ୍ତ ମାତାଲ ଯୁବକମାନଙ୍କୁ ଚିହ୍ନଟ କରାଯାଇ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣା ପରେ ରାତ୍ରିକାଳୀନ ବସ୍ ଯାତ୍ରୀଙ୍କ ସୁରକ୍ଷା ନେଇ ପୁଣି ଥରେ ପ୍ରଶ୍ନ ଉଠିଛି।

# ସେମିଳିଗୁଡାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଜୟପୁର,୮।୬ (ଆନିସ): କୋରାପୁଟଜିଲ୍ଲା ସେମିଳିଗୁଡା ବ୍ଲକ ଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ନିଜେ ଉପସ୍ଥିତି ରହି ଜନଶୁଣାଣୀ କରିଥିଲେ।ଏହି ଶିବିରରେ ମୋଟ ୩୬ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା, ଯେଉଁଥିରେ ୨୫ଟି ଗୋଷ୍ଠୀଗତ ଓ ୧୧ଟି ବ୍ୟକ୍ତିଗତ ଅଭିଯୋଗ ସାମିଲ ଥିଲା। ସେଥିମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦେଶ ଦେଇଛନ୍ତି।ଏହି ଶିବିରରେ ମୁଖ୍ୟ

ଉନ୍ନୟନ ଅଧିକାରୀ ବେଶୁଧର ଶବର, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ,ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସ୍ନେହପ୍ରଭା ମାଝୀ ଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୟପୁର ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ତରଫରୁ ନୂଆ ୱେବସା

### ନିମ୍ନମାନର ରାସ୍ତା କାମ ନେଇ ପ୍ରଶାସନର ନୀରବତା

# ୭୧ ଲକ୍ଷ ଟଙ୍କାର ପ୍ରକଳ୍ପରେ କାହାକୁ ଦିଆଯାଉଛି ସୁରକ୍ଷା

ନୟାଗଡ, ୮।୬ (ଆନିସ): ନୟାଗଡ ଜିଲ୍ଲା ଅନ୍ତର୍ଗତ ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଆଦିବାସୀ ଅଧୁଷିତ ବନ୍ଧମୁଣ୍ଡା ପଞ୍ଚାୟତର ଭେଟବର ଡ୍ୟାମଠାରୁ ନାଥପୁର ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୭୧ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ, ଏହି କାମର ମାନକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଗତ ୨୫ ଦିନ ଧରି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ନୀରବତା ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଟେଣ୍ଡର ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ବେଳେ ରାସ୍ତାରେ ବ୍ୟବହୃତ ସାମଗ୍ରୀର ଗୁଣବତ୍ତା ଅତ୍ୟନ୍ତ ନିମ୍ନମାନର। ରାସ୍ତାର ପିଚୁ ହାତରେ ଘଷିଲେ ଉଠିଯାଉଥିବା ଓ ରାସ୍ତା ମଝିରେ ଘାସ ଉଠିବା ଅଭିଯୋଗ ସ୍ଥାନୀୟ ଲୋକ ଆଣିଛନ୍ତି। ଏହା ସ୍ପଷ୍ଟ କରୁଛି ଯେ ନିର୍ମାଣ କାମରେ ଆବଶ୍ୟକ ଥିକନେସ୍ ଓ ମାନକ ଅନୁସରଣ କରାଯାଇନାହିଁ। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି କାମ ଏତେ ନିମ୍ନମାନର ଥିଲା, ତେବେ ବିଭାଗୀୟ ଅଧିକାରୀମାନେ କିପରି ତଦାରଖ ବିନା ସମ୍ପୂର୍ଣ୍ଣ ବିଲ୍ ପାସ୍ କରିଦେଲେ ଜନସାଧାରଣଙ୍କ କଷ୍ଟାର୍ଜିତ ଟିକସ ଅର୍ଥରେ ହେଉଥିବା କାମରେ ଏଭଳି ଅବହେଳା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ଦୁର୍ନୀତିର ଗନ୍ଧ ମଧ୍ୟ ବାରି ହେଉଛି। ଅଭିଯୋଗ ହେଉଛି ଯେ, ରାସ୍ତା କାମରେ ଅନିୟମିତତା ନେଇ ଖବର ପ୍ରକାଶ ପାଇବା ପରେ ମଧ୍ୟ କୌଣସି ତଦନ୍ତ କିମ୍ବା ସଂଶୋଧନମୂଳକ ପଦକ୍ଷେପ ନିଆଯାଇନାହିଁ। ଏହା ଫଳରେ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଠୁଛି,କାହିଁକି ଏହି ମାମଲାକୁ ଚାପି ଦେବାକୁ ଚେଷ୍ଟା ହେଉଛି କୌଣସି ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ ତଦନ୍ତକୁ ଇଚ୍ଛାକୃତ ଭାବେ ବିଳମ୍ବ କରାଯାଉଛି କି ଅନ୍ୟପଟେ, ଏହି ଅନିୟମିତତାକୁ ସାମ୍ନାକୁ ଆଣିଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଠିକାଦାରଙ୍କ ପକ୍ଷରୁ ଧମକ ଦିଆଯାଉଥିବା ସୂଚନା ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଯଦି ଏହି ଅଭିଯୋଗ ସତ୍ୟ, ତେବେ ଏହା କେବଳ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ଆକ୍ରମଣ ନୁହେଁ, ବରଂ ସତ୍ୟକୁ ଦମନ କରିବାର ଏକ ଉଦ୍ୟମ ବୋଲି ମନେ କରାଯାଉଛି। ଆଦିବାସୀ ଅଞ୍ଚଳର ବିକାଶ ନାମରେ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ଯଦି ସେହି ଅର୍ଥ ନିମ୍ନମାନର କାମ ଓ ଦୁର୍ନୀତିରେ ହଜିଯାଏ, ତେବେ ବିକାଶର ନାରା କେବଳ କାଗଜ-କଲମରେ ସୀମିତ ରହିଯିବ। ଏହି ଘଟଣା ଜିଲ୍ଲା ପ୍ରଶାସନର ଦାୟିତ୍ୱବୋଧ ଓ ସ୍ୱଚ୍ଛତା ଉପରେ ଗଭୀର ପ୍ରଶ୍ନବାଚୀ ସୃଷ ି କରିଛି। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ଏହି ମାମଲାରେ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛି, ନା ଏହି ୭୧ ଲକ୍ଷ ଟଙ୍କାର ରାସ୍ତା ଦୁର୍ନୀତି ଫାଇଲର ନାଲିଫିତା ତଳେ ଚାପି ହୋଇ ରହିଯାଉଛି! ସାଧାରଣ ଲୋକ ଏବେ ଉତ୍ତର ଚାହୁଁଛନ୍ତି, ଏବଂ ସେହି ଉତ୍ତର ଦେବାର ଦାୟିତ୍ୱ ଜିଲ୍ଲା ପ୍ରଶାସନ କୋଉ ଢଙ୍ଗରେ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ରାଇରଙ୍ଗପୁର ଉପଖଣ୍ଡରେ ସାଂସଦ ଓ ବିଧାୟକଙ୍କ ଦ୍ୱାରା ପାଞ୍ଚ ଗୋଟି ପ୍ରକଳ୍ପର ଶିଳାନ୍ୟାସ

ରାଇରଙ୍ଗପୁର, ୮।୬ (ଆନିସ): ଆଦିବାସୀ ଅଧୁଷିତ ଅଂଚଳର ବିକାଶ ଦିଗରେ ବର୍ତ୍ତମାନ ଓଡିଶା ସରକାରଙ୍କ ବଡ ପଦକ୍ଷେପ । ଗୋଟିଏ ଦିନରେ ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ, ଉପାନ୍ତରେ ଆଉ ଏକ ଏହା ହେଉଛି ଆଦିବାସୀଙ୍କ ମାଇଲ ଖୁଣ୍ଟ । ମାନ୍ୟବର ସାଂସଦ ନବଚରଣ ମାଝୀ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଙ୍କ ଦ୍ୱାରା ଉପଖଣ୍ଡର ବିଭିନ୍ନ ସ୍ଥାନରେ ଅନେକ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ଏହି ପରିପ୍ରେକ୍ଷୀରେ ଗତକାଲି ପୂର୍ବାହ୍ନରେ ଓଡ଼ିଶାରେ ସର୍ବମୋଟ ୨୦୪ ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଲୋକାର୍ପିତ କରାଯାଇଥିବା ବେଳେ ଉପାନ୍ତ ଅଞ୍ଚଳ ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ଜାମଦା ବ୍ଲକ ତେଣ୍ଡରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ , ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ବଡ ବାଇକଳା ଉଚ୍ଚ ବିଦ୍ୟାଳୟ ଓ ବହଳଦା ବ୍ଲକ ର କୁଳତା ଉଚ୍ଚ ବିଦ୍ୟାଳୟ କୁ ଯୋଡିତ କରିବା ସହିତ ଲୋକାର୍ପିତ ହୋଇଥିବା ବେଳେ ଜାମଦା ମୁଖ୍ୟ ବଜାର ଠାରେ ପାଞ୍ଚ କୋଟି ଛାୟାଳିଶ ଲକ୍ଷ ଚାରିହଜାର ଏକ ଶହ ଅଣଚାଳିଶ ଟଙ୍କା ବ୍ୟୟରେ ନୂତନ ଅଟଳ ବସ ଷ୍ଟାଣ୍ଡର ଶିଳାନ୍ୟାସ ମାନ୍ୟବର ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ ଏବଂ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଜଲେନ ନାଏକଙ୍କ କରକମଳରେ କରାଯାଇଛି ସେହିପରି ଓଡିଶା ଝାରଖଣ୍ଡ ସୀମାନ୍ତ ତିରିଙ୍ଗ ଠାରେ ମଧ୍ୟ ନୂତନ ଅଟଳ ବସଷ୍ଟାଣ୍ଡର ଶିଳାନ୍ୟାସ କରାଯାଇଛି । ତେବେ ଜାମଦା ବ୍ଲକର ନୂତନ ଅଟକ ବସଷ୍ଟାଣ୍ଡ ନିର୍ମାଣରେ ଏହା ପୋଲିସ ହାଉସିଂ ବୋର୍ଡ ଯୋଜନାରେ ଅନ୍ତର୍ଭୁକ୍ତ ଥିବାବେଳେ ୧୫ ମାସ ମଧ୍ୟରେ ଉକ୍ତ କାର୍ଯ୍ୟକୁ ଶେଷ କରିବା ପାଇଁ ସୁଦର୍ଶନ ପୁଥାଳ ଏଜେନ୍ସୀକୁ ହସ୍ତାନ୍ତର କରାଯାଇଛି। ଏହାର ଅଟକଳ ବଜେଟ ୫ କୋଟି ୪୬ ଲକ୍ଷ ୪ ହଜାର ୧୪୯ ଟଙ୍କା ରହିଛି ବୋଲି ଜଣାପଡ଼ିଛି। ଏକ କାଳୀନ ୫ ଗୋଟି ପ୍ରକଳ୍ପକୁ ସାଂସଦ ଓ ବିଧାୟକ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ କୁ ସମାପନ କରାଯାଇଥିଲା । ଉକ୍ତ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମ ଗୁଡିକରେ ନିର୍ଦ୍ଦିଷ୍ଟ ବ୍ଲକ,ତହସିଲ ପ୍ରଶାସନ ଓ ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହିଥିବା ବେଳେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟିର ବିଶିଷ୍ଟ ବିଜେପି ତୁଙ୍ଗ ନେତା ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଗୁଡ଼ିକୁ ସମାପନ କରିବାରେ ସହଯୋଗ କରିଥିଲେ।

# ଆଦିବାସୀ କୁଡୁମୀ ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର,୮।୬ (ଆନିସ): ଆଜି ଆଦିବାସୀ କୁଡୁମୀ ସମାଜର ଏକ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସଦର ବ୍ଲକର ରାମଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଶ୍ରୀଯୁକ୍ତ ଦୋଳଗୋବିନ୍ଦ ମହନ୍ତ,ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ମିଲନ ଚନ୍ଦ୍ର ମହନ୍ତ, କେନ୍ଦ୍ର କମିଟିର ସଞ୍ଜୀବ ମହନ୍ତ,ମହାଦେବ ଦୁଙ୍ଗୁରିଆର ଏହି ବୈଠକରେ ଯୋଗ ଦେଇ ୨୦୨୬ ଜନଗଣନାରେ କୁଡୁମୀ ନିଜର ଜାତି, କୁଡୁମୀ ଭାଷା କୁଡୁମାଳି ଲେଖିବା ପାଇଁ ଉପଦେଶ ଦେଇଥିଲେ।

ଝାଡ଼ଖଣ୍ଡରେ କୁଡମୀ ମାନେ ଆଦିବାସୀର ସୁବିଧା ନେଉଥିବା କହିଥିଲେ କୁଡୁମୀ ଆଉ କୁର୍ମୀ ଅଲଗା ଅଲଗା ଜାତି ବୋଲି କହିଥିଲେ। ଏହି ମିଟିଂରେ ଓଡ଼ିଶାରେ ବସବାସ କରୁଥିବା ସମସ୍ତ ଜିଲ୍ଲାରୁ ଆସି ଯୋଗ ଦେଇଥିବା ସଦସ୍ୟ ମାନେ ହେଲେ ଗୋପୀନାଥ ମହାନ୍ତ,ନାରାୟଣ ମାହାନ୍ତ,ଯୁଗଳ ମହାନ୍ତ,ଲାଲ ମୋହନ,ମିଶ୍ର ମହାନ୍ତ, ଦେବାନନ୍ଦ ମହାନ୍ତ,ବୈକୁଣ୍ଠ ମହାନ୍ତ,ମମତା,ସବିତା,ଭାରତୀ, କେତକୀ ମହାନ୍ତ,ଲକ୍ଷ୍ମଣ ମହନ୍ତ,ମୁରଲୀ ମହନ୍ତ, ଠାକୁର ମହାନ୍ତ, ତପନ, ଭରତ,,ଫକିର ମହନ୍ତ,ଅହଲ୍ୟା,କୁନ୍ତଳା,ପ୍ରିୟଙ୍କା, ଯୋଶଦା ମହନ୍ତ ତଥା ସମାଜସେବୀ ଚିତ ରଞ୍ଜନ ମହାନ୍ତ ଉପସ୍ଥିତ ଥିଲେ ଓଡ଼ିଶାର ଶହଶହ ଲୋକ ସଭାରେ ଯୋଗଦେଇଥିଲେ,

# ସପ୍ତାହ ବ୍ୟାପୀ ସମର କ୍ୟାମ୍ପ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ଉଦଯାପିତ

ଫୁଲବାଣୀ,୮।୬ (ଆନିସ): ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ରେ କ୍ରୀଡ଼ା ବିଭାଗ ପକ୍ଷରୁ ଜୁନ ୧ ରୁ ୭ଯାଏ ଏକ ସପ୍ତାହ ବ୍ୟାପୀ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସହରାଞ୍ଚଳ ବିକଶ ଅଧିକାରୀ ପ୍ରବୀଣ କୁମାର ବାଣୁଆ, ଓ ସମ୍ମାନୀତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ ଯୋଗ ଦେଇ କ୍ରିଡ଼ା ହିଁ ଏକ ମାତ୍ର ମାଧମ ଯାହାକି ସ୍ୱାସ୍ଥ୍ୟ ଭଲ ରହିବା ସହ ପରସ୍ପର ମଧ୍ୟରେ ଭାତୃତ୍ୱ ଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ ସିଙ୍ଗଲ ବିଜେତା ଭାବେ ଅଭିଜିତ କହଁର, ଦିବ୍ୟଜିତ ମହାନ୍ତି, ବିଜୟୀ ହୋଇ ଥିବା ବେଳେ, ଡବଲସ ରେ ଦିବ୍ୟଜିତ ଓ ପାର୍ଟନର, ସାଇ କ୍ରୀଷ୍ଣା ଓ ପାର୍ଟନର ପ୍ରମୁଖ ବିଜୟୀ ହୋଇ ଥିଲେ ଅନ୍ୟ ମାନଙ୍କ ମଧ୍ୟରେ ବ୍ୟାଡମିଣ୍ଟନ କୋଚ ଅସୀମ କୁମାର ନାୟକ, ଅବସର ପ୍ରାପ୍ତ ଅଫିସର ଦେବେନ୍ଦ୍ର ନାଥ ପାତ୍ର, ପ୍ରଶାନ୍ତ କୁମାର ବେହେରା, ଦେବୀ ଦତ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଗରେଇ ଗ୍ରାମରେ ପବିତ୍ର ମିଶ୍ରଙ୍କ ଦ୍ୱାଦଶାହରେ ସ୍ମୃତି ଚାରଣ ସଭା

ପାରାଦୀପ, ୮।୬ (ଆନିସ): କୁଜଙ୍ଗ ବ୍ଲକ ଗରେଇ ଗ୍ରାମରେ ସୋର୍ଗତ ପବିତ୍ର ମିଶ୍ରଙ୍କ ଦ୍ୟାଦସ୍ ରେ ଶ୍ରୁତି ଚାରଣ୍ ସଭା ଅନୁଷ୍ଠିତ କରାଯାଇ ଥିଲା ଏହି ଶୃତି ଚାରଣ ସଭା ରେ ଗରେଇ ଗ୍ରାମ ପଞ୍ଚାୟତ ର ବହୁ ବୁଦ୍ଧିଜୀବି ତଥା ସରପଞ୍ଚ ଯୋଗ ଦେଇ ଥିବା ବେଳେ ପାରାଦୀପ ପୌର ପରିଷଦ ଅଧକ୍ଷ ଶ୍ରୀ ଯୁକ୍ତ ବସନ୍ତ କୁମାର ବିଶ୍ୱାଳ ମଧ୍ୟ ଯୋଗ ଦେଇ ଥିବା ଦେଖିବାକୁ ମିଳିଥିଲା ଏହି ସଭାରେ ପାରାଦୀପ ର ଏକ ଅଗ୍ରଣି ଅନୁଷ୍ଠାନ ର ସଭାନେତ୍ରୀ ମନୋରମା ଖଟୁଆ ଯୋଗ ଦେଇ ଥିବା ବେଳେ ମଞ୍ଚ ପରିଚାଳନା କରିଥଲେ ।

ସମାଜ ସେବୀ ଶ୍ରୀ ବିଷ୍ଣୁ ଚରଣ ମୁଦୁଲି ତାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ବାବୁରାମ ଚୌଧୁରୀ, ପାରାଦୀପ ଗଡ ଗ୍ରାମର ବରିଷ୍ଠ ସମାଜ ସେବୀ ଶ୍ରୀ ବଲ୍ଲଭ କର ଓ ବହୁ ମାନ୍ୟ ଗଣ୍ୟ ବେକ୍ତି ବୁଦ୍ଧିଜୀବୀ ନାରୀ ନେତ୍ରୀ ବହୁ ଯୁବ ସମାଜ ଯୋଗ ଦେଇ ପବିତ୍ର ମିଶ୍ରଙ୍କ ଅମର ଆତ୍ମାର ସଦଗତି କାମନା କରିଥିବା ବେଳେ ତାଙ୍କର ପରିବାରଙ୍କୁ ଅସୀମ ଧର୍ଯ୍ୟ ଦେବାକୁ ପ୍ରଭୂ ଜଗତର ନାଥ ଜଗନ୍ନାଥ ଙ୍କ ପାଖରେ କାମନା କରି ଥିଲେ ମଞ୍ଚସିନ ଅତିଥି ମାନେ ପବିତ୍ର ମିଶ୍ରଙ୍କ କୀର୍ତ୍ତି କଳପ ଉପରେ ଆଲୋକ ପାତ୍ କରିଥିବା ବେଳେ ସେ କରିଯାଇ ଥିବା କାର୍ଯ୍ୟ ପାରାଦୀପ ବନ୍ଦର ରେ ଚାକିରୀ କରିଥିବା ବେଳେ ନେତାଜୀ ମେମୋରିଆଲ ଟ୍ରଷ୍ଟ ନାମରେ ଏକ ସଂଗଠନ କରି ପାରାଦୀପ ବଡ଼ ପଡିଆ ବସ ଷ୍ଟାଣ୍ଡରେ ନିକଟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଙ୍କ ପ୍ରତି ମୂର୍ତ୍ତି ସ୍ଥାପନ କରି ନିଜର ଜସ୍ ଗାରିମା ବଜାୟ ରଖିଥିବା ବେଳେ ବିଭିନ୍ନ ଅନୁଷ୍ଠାନ କରି ବହୁ ଯୁବକ ମହିଳା ଓ ବୁଦ୍ଧି ଯିବି ମାନଙ୍କୁ ସାମିଲ କରିଥିବା ଦେଖିବାକୁ ମିଳୁଛି ଏତିକିରେ ସେ ବିଶ୍ରାମ ନେଉଁ ନ ଥିଲେ ପାରାଦୀପ ର ଅଗ୍ରଣୀ ଅନୁଷ୍ଠାନ କଳିଙ୍ଗ ମହିଳା ଶକ୍ତି ସହ ସାମିଲ ହୋଇ ମଦ ବିରୋଧୀ ଆନ୍ଦୋଳନ ରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଏହାକୁ ନେଇ ସମଗ୍ର ଗରେଇ ପଞ୍ଚାୟତ ସହ ପାରାଦୀପ ବନ୍ଦର ରେ ନିଜର ନାମ ଉଜ୍ଜୀବିତ କରି ରଖିବା ସହ ତାଙ୍କର ନାମ ସର୍ବଦା ମନେ ରହିବ ବୋଲି ଉପସ୍ଥିତ ଅତିଥି ମାନେ ନିଜର ଅଭିଭାଷଣ ରଖିଥିବା ଦେଖିବାକୁ ମିଳିଥିଲା ଆଜି ତାଙ୍କର ଦ୍ୱାଦଶ ରେ ଗରେଇ ଗ୍ରାମରେ ତାଙ୍କ ନାମରେ ପବିତ୍ର ନେତାଜୀ ପାଠାଗାର ନିର୍ମିତ ପାଇଁ ଉପସ୍ଥିତ ଅତିଥି ମାନେ ଗ୍ରାମର ସରପଞ୍ଚ ଙ୍କ ପାଖରେ ପ୍ରସ୍ତାବ ମଧ୍ୟ ରଖିଥିବା ଦେଖିବାକୁ ମିଳିଥିଲା ଗ୍ରାମ ବାସିନ୍ଦା ଙ୍କ ନିମନ୍ତେ ଏକ ଭୋଜିର ଆୟୋଜନ ମଧ୍ୟ କରାଯାଇ ଥିବା ବେଳେ ସମସ୍ତେ ଆନନ୍ଦରେ ଭୋଜନ ଗ୍ରହଣ କରି ଅମର ଆତ୍ମାର ସଦାଗତି କାମନା କରିଥିଲେ ।

# ଲାଞ୍ଚୁଆ ଆଇଟିଡିଏ ଯନ୍ତ୍ରୀ ଜେଲ ଗଲେ
# ଆୟରୁ ୭୯୮ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ

ଫୁଲବାଣୀ, ୮।୬ (ଆନିସ): ଭିଜିଲାନସ୍ ଜାଲରେ ଛନ୍ଦି ହୋଇ ଶେଷରେ ବାଲିଗୁଡ଼ା ଆଇଟିଡିଏ ର ଲାଞ୍ଚଆ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା ଜେଲ୍ ଗଲେ ଆୟ ରୁ ୭୯୮ ପ୍ରତିଶତ ଟଂକା ମୂଲ୍ୟ ର ସଂପତ୍ତି ଠୁଳ କରିଥିଲେ ଯନ୍ତ୍ରୀ ବୈକୁଣ୍ଠ ବେହେରା ଲାଞ୍ଚ ନ ଦେଲେ ସେ କୁଆଡ଼େ ବିଲ୍ ପାସ କରୁନଥିଲେ ଅଗ୍ ଟଂକା ତାପରେ କାମ ବେଶ୍ ରଙ୍ଗୀନ ମିଯାଜ ର ସୌକିଆ ଯନ୍ତ୍ରୀ ଥିଲେ ଭଲ ଖାଇବା ରେ ବି ମାହିର ଥିଲେ ବୈକୁଣ୍ଠ ଠିକଦର୍ ମାନଙ୍କୁ ଧମକ ଚମକ ଦେଇ ଦେଶୀ କୁକୁଡ଼ା, ମଟନ, ଇଲିସ ମାଛ ଆଦି ଆଣିବାକୁ କହୁଥିଲେ କୁଆଡ଼େ ୧୯୯୯ ରେ କନିଷ୍ଠ ଯନ୍ତ୍ରୀ ଭାବେ ୫/

୬ହଜାର ଟଙ୍କାରେ କାର୍ଯ୍ୟ ଆରଂଭ କରି ଥିଲେ ହେଁ ପରବର୍ତ୍ତୀ ସମୟରେ ଲା ଞ୍ଚଆ ହୋଇଯାଇଥିଲେ ଲାଞ୍ଚ ଅର୍ଥରେ ଅମାପ ସମ୍ପତି ର ଅଧିକାରୀ ହୋଇଥିଲେ ବେଶ୍ ବିଳାସ ପୂର୍ଣ୍ଣ ଜୀବନ ଯାପନ କରୁଥିଲେ ବର୍ତମନ୍ ପଦୋନ୍ନତି ପାଇ ବାଲିଗୁଡ଼ା ଭଳି ବଡ ଆଇ ଟିଡି ଏ ର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଥିଲେ ରାଜ ଧାନି ରେ ୫ ଟା ବିଶାଳ କୋଠା, ୮ଟି ପ୍ଲଟ, ନଗଦ କୋଟି କୋଟି ଟଙ୍କା, ବ୍ୟାଙ୍କ ଜମା, ସୁନା ଗହଣା, ଦାମୀ ଆସବାବ ପତ୍ର ଅଦି ଜବତ କରିଛି ଭିଜିଲାନ୍ସ ବିଭାଗ ଭିଜିଲାନ୍ସ ବିଭାଗ ଏ ନେଇ ମାମଲା ରୁଜୁ କରିବା ପରେ ଜେଲ୍ ପଠାଇ ତଦନ୍ତ ଜାରି ରଖିଛି

### ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଭେଟିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ

ଖୋର୍ଦ୍ଧା, ୮।୬ (ଆନିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ର ସଭାପତି ଧୀରେନ୍ଦ୍ର କୁମାର ପଟନାୟକ ଓ ମହାସଚିବ ଚାରୁଲତା ମହାପାତ୍ର ଙ୍କ ନେତୃତ୍ୱ ରେ ପ୍ରାଥମିକ ଶିକ୍ଷକ ଙ୍କ ବିଭିନ୍ନ ସମସ୍ୟା କୁ ନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଙ୍କୁ ଭେଟି ଆଲୋଚନା କରିଛନ୍ତି। ଦୁଃଖ ଓ ପରୀତାପ ର ବିଷୟ ମୌଳିକ ସମସ୍ୟା ବାରମ୍ବାର ଆଲୋଚନା କରିବା ସତ୍ୱେ ଆଜିର ପର୍ଯ୍ୟନ୍ତ ସମାଧାନର ରାସ୍ତା ବର୍ତମାନ ସୁଦ୍ଧା ହୋଇନାହିଁ। ଯାହାଫଳରେ ସାରା ଓଡିଶା ର ପ୍ରାଥମିକ ଶିକ୍ଷକ ଙ୍କ ମନରେ ଅସନ୍ତୋଷ ର ବନ୍ନି ସୃଷ୍ଟି ହୋଇଛି। ଯଥା ମୂଳ ରେ ବୃଦ୍ଧି, ଠିକା ଉଚ୍ଛେଦ ଓ ଠିକା ସମୟ ଚାକିରୀ ରେ ଗଣନା, ବରିଷ୍ଠତା ମଧ୍ୟରେ ଶିକ୍ଷକ ଙ୍କ ପଦୋନ୍ନତି, ଯୋଗ୍ୟ ଧାରୀ ଶିକ୍ଷକ ଙ୍କୁ ପ୍ରଦାନ, ପ୍ରଦାନରେ ଅବ୍ୟବସ୍ଥା, ନିୟଜିତ ଶିକ୍ଷକ ଙ୍କୁ ସୁରକ୍ଷା ପ୍ରଦାନ, ସ୍ୱାସ୍ଥ୍ୟ ବୀମା ପ୍ରଦାନ, ପଦବୀ ସଂଖ୍ୟା ବୃଦ୍ଧି, ପ୍ରାଥମିକ ଶିକ୍ଷକ ଙ୍କୁ ଅଣଶିକ୍ଷାଦାନ ଓ ସମୟରେ କାର୍ଯ୍ୟ ରେ ନିୟଜନ ନକରିବା,ଖାଲିଥିବା ଓ ପଦବୀ ପୂରଣ ଏ ସବୁ ବିଷୟ ରେ ଆଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ସୁରେନ୍ଦ୍ର କୁଲଦୀପ, ବିରଞ୍ଚି ନାରାୟଣ ଦାଶ, ଆଞ୍ଚଳିକ ସମ୍ପାଦକ ଦୀପକ ରାଉତ ଅଜିତ ଚୌଧୁରୀ ରାଜ୍ୟ ଉପଦେଷ୍ଟା ବିଜୟ କୁମାର ନାୟକ, ଅଜିତ ନାୟକ,ସମୀର ଜେନା, ଯୁଧିଷ୍ଠିର ସାହୁ ରାଜ୍ୟ ସଂଯୋଜକ ମନୋଜ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ତୃଣମୂଳ ସ୍ତର ରେ ପଦୋନ୍ନତି ଅହେତୁକ ବିଳମ୍ବ ହେତୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଙ୍କ ନିର୍ଦ୍ଦେଶ ଦେଇଥିଲେ ଯେ ଶିକ୍ଷକ ସଂଘ ମାନେ ନିଜ ନିଜ ଜିଲ୍ଲା ରେ ତାଲିକା ପ୍ରସ୍ତୁତ କରି ଶୀଘ୍ର

### ରାଜ୍ୟସ୍ତରୀୟ କୁଡୁମୀ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା

# ଯୁବ ଉଦ୍ୟୋଗୀ ସମ୍ମାନରେ ସମ୍ମାନିତ ହେଲେ ଇଂ ଅଶ୍ୱିନୀ

ବାରିପଦା, ୮।୬ (ଆନିସ): ମୟୂରଭଞ୍ଜ ଜିଲ୍ଲାର ବାରିପଦା ସ୍ଥିତ ସହିଦ୍ ସ୍ମୃତି ଭବନ ଠାରେ କୃତି ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଭିନ୍ନ ଶିକ୍ଷାବିତ୍, ସମାଜସେବୀ,ଯୁବ ଉଦ୍ୟୋଗୀ, ଅନୁଷ୍ଠାନର ପ୍ରତିନିଧି ଓ ଅଭିଭାବକମାନେ ଯୋଗଦେଇ ଛାତ

# ମାଲକାନଗିରି ଜିଲ୍ଲାରେ ୬ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ମାଲକାନଗିରି, ୮।୬ (ଆନିସ): ଓଡ଼ିଶା ସରକାରଙ୍କ ଶିକ୍ଷା କ୍ଷେତ୍ରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଗ୍ରହଣ କରାଯାଇଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ର ଦ୍ୱିତୀୟ ପର୍ଯ୍ୟାୟରେ ମାଲକାନଗିରି ଜିଲ୍ଲାର ୬ ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟ ସମ୍ପନ୍ନ ହୋଇଛି।

ଏହି ଅବସରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀ ଓ ଶିକ୍ଷାବିତ୍ ମାନେ ଉପସ୍ଥିତ ଥିଲେ।

ଟେମ୍ପୋରାରୀ କଲୋନୀ ଉଚ୍ଚ ବିଦ୍ୟାଳୟ, ଚିତ୍ରକୋଣ୍ଡା ଠାରେ ଜିଲ୍ଲାପାଳ , ବ୍ଲକ୍ ର ଜନ ପ୍ରତିନିଧି ଓ ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଏମ୍ ଭି ୭୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଙ୍ଗୁରୁକୋଣ୍ଡା, କାଲିମେଳା ଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗା ସୋଢ଼ି ସାଂସଦ ପ୍ରତିନିଧି ଯୋଗ ଦେଇଥିଲେ ।

ସେହିପରି ଉଚ୍ଚ ବିଦ୍ୟାଳୟ, ମୁଣ୍ଡିଗୁଡ଼ା, ରାସବେଡ଼ା ଗ୍ରାମ ପଞ୍ଚାୟତ, ଖଇରପୁଟ ଠାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ସାଂସଦ ପ୍ରତିନିଧି ବିଧାୟକ ପ୍ରତିନିଧି ଯୋଗ ଦେଇଥିଲା ବେଳେ ବିଭିନ୍ନ ପ୍ରତିନିଧି ଓ ଗୋଷ୍ଠୀ ଶିଖା ଅଧିକାରୀ ଙ୍କ ସହ ଉଚ୍ଚ ବିଦ୍ୟାଳୟ, କେଗୁମା, ପ୍ରସନ୍ନପାଲି ଉଚ୍ଚ ବିଦ୍ୟାଳୟ, ନିଲିଗୁଡ଼ା ଗ୍ରାମ ପଞ୍ଚାୟତ, ପୋଡ଼ିଆ ଏବଂ କାଲାପାଲି ଉଚ୍ଚ ବିଦ୍ୟାଳୟ, ପୋଡ଼ାଘାଟ ଗ୍ରାମ ପଞ୍ଚାୟତ, ଖଇରପୁଟ ଠାରେ ଭିତ୍ତି ପ୍ରସ୍ତର ସ୍ଥାପନ ହେଲା।

ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧ ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ପୂର୍ବରୁ ସ୍ଥାପନା ହୋଇସାରିଛି। ଏହା ସହିତ ଦ୍ୱିତୀୟ ପର୍ଯ୍ୟାୟର ୬ ଟି ମିଶି ମୋଟ ୭ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ କାମ ଆରମ୍ଭ ହେବ। ବର୍ତ୍ତମାନ ସମସ୍ତ ବିଦ୍ୟାଳୟର ଡି ପି ଆର ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ଏହିଁ ଆଦର୍ଶ ବିଦ୍ୟାଳୟଗୁଡ଼ିକ ନିର୍ମାଣ ହେବା ପରେ ମାଲକାନଗିରି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ନୂତନ ଯୁଗ ଆରମ୍ଭ ହେବ ଓ ଛାତ୍ରଛାତ୍ରୀମାନେ ପାଞ୍ଚ ଏକର ମଧ୍ୟରେ ଖେଳ ପଡ଼ିଆ, ଛାତ୍ରାବାସ, ଶ୍ରେଣୀଗୃହ , ବିଜ୍ଞାନ ଗାରା, ଶିକ୍ଷକ ନିଯୁକ୍ତି ସହ ଅତ୍ୟାଧୁନିକ ସୁବିଧା ସହିତ ଶିକ୍ଷା ଲାଭ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଡାହାଣୀ ସନ୍ଦେହ ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ପ୍ରଶାସନର କଠୋର ଆଭିମୁଖ୍ୟ: ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଧ୍ୟକ୍ଷତାରେ ସ୍ପେଶାଲ୍ ପୋଲିସ ବୈଠକ, ସମାଜରୁ କୁସଂସ୍କାର ହଟାଇବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ




ମାଲକାନଗିରି, ୮।୬ (ଆନିସ): ସମାଜକୁ କଳଙ୍କିତ କରୁଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ଡାହାଣୀ ସନ୍ଦେହରେ ହେଉଥିବା ଜଘନ୍ୟ ହିଂସାକାଣ୍ଡର ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ଏହି ସାମାଜିକ ବ୍ୟାଧିକୁ ମୂଳପୋଛ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ସଭାପତିତ୍ୱରେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ପୋଲିସ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଗ୍ରାମାଞ୍ଚଳ, ବିଶେଷ କରି ଉପାନ୍ତ ଓ ଜନଜାତି ବହୁଳ ଅଞ୍ଚଳରେ ଘଟୁଥିବା ଏଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସ୍ଥାନରେ ଡାହାଣୀ ସନ୍ଦେହ କିମ୍ବା ଗୁଣିଗାରେଡ଼ି ଅଭିଯୋଗ ଆସିଲେ, ପ୍ରଶାସନ ତୁରନ୍ତ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସ୍ପଷ୍ଟ କରାଯାଇଛି। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଲୋକଙ୍କ ମନରୁ ଭୟ ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଗ୍ରାମ ସ୍ତରରେ ବ୍ୟାପକ ସଚେତନତା ସଭା, ପଥପ୍ରାନ୍ତ ନାଟକ ଏବଂ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି ଯେ, ଏହି କୁସଂସ୍କାର ବିରୁଦ୍ଧରେ ସଚେତନ ହେବା ଏବଂ ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ। ଶିକ୍ଷା ଓ ବିଜ୍ଞାନର ସହାୟତାରେ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ସମସ୍ତେ ମିଶି ସଂକଳ୍ପ ନେବା ଜରୁରୀ। ସମାଜରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ଭାବେ ହଟାଇବା ପାଇଁ ଜନସାଧାରଣ ପୋଲିସ ଓ ପ୍ରଶାସନକୁ ସୂଚନା ଦେଇ ସହଯୋଗ କରିବାକୁ ନିବେଦନ କରାଯାଇଛି।

# କୋରୁକୋଣ୍ଡା ଗ୍ରାମ ପଞ୍ଚାୟତରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ

## ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ୭୦ଟି ସମସ୍ୟାର ତୁରନ୍ତ ସମୀକ୍ଷା

ମାଲକାନଗିରି, ୮।୬ (ଆନିସ): ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟା ଗୁଡ଼ିକର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ କୋରୁକୋଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବ୍ଲକ ଚେୟାରମ୍ୟାନ ଜିତୁ ବୁରୁଡି ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣୀ କରିଥିଲେ।

କୋରୁକୋଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିବା ବେଳେ ଆସିଷ୍ଟାଣ୍ଟ କଲେକ୍ଟର ପ୍ରୀତମ ଦେବତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।ଏହି ସ୍ୱତନ୍ତ୍ର ସମାଧାନ ଶିବିରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସରକାରୀ ସହାୟତା, ଜମିଜମା ବିବାଦ, ରାସନ କାର୍ଡ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ମୋଟ ୭୦ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭତ୍ତା, ବାସଗୃହ ଓ ଚିକିତ୍ସା ସହାୟତା ସମ୍ପର୍କିତ ୩୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗ୍ରାମର ରାସ୍ତାଘାଟ, ବିଜୁଳି ଓ ସାମୂହିକ ବିକାଶକୁ ନେଇ ଆଉ ୩୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଆବେଦନ ଆସିଥିଲା। ପ୍ରଶାସନ ପକ୍ଷରୁ କେତେକ ସମ୍ବେଦନଶୀଳ ମାମଲାର ସ୍ଥଳଭାଗରେ ତୁରନ୍ତ ଫେସଲା କରାଯିବା ସହ ବାକି ସମସ୍ୟା ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ସର୍ବଦା ଲୋକଙ୍କ ସେବା ଓ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧ। ପ୍ରତିଟି ଅଭିଯୋଗର ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ତଥା ସମୟସୀମା ମଧ୍ୟରେ ପ୍ରତିକାର କରିବା ପ୍ରଶାସନର ମୂଳ ଲକ୍ଷ୍ୟ, ଯେପରି କୌଣସି ବି ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବେ ନାହିଁ। ଜନସାଧାରଣ ନିଜ ସମସ୍ୟା ବିଷୟରେ ବିନା ଦ୍ୱିଧାରେ ପ୍ରଶାସନକୁ ଜଣାନ୍ତୁ, ପ୍ରଶାସନ ପ୍ରତିଟି ସ୍ତରରେ ଜନସାଧାରଣଙ୍କ ସହ ରହିଛି।ପ୍ରଶାସନିକ ଅଧିକାରୀମାନେ ନିଜେ ଲୋକଙ୍କ ପାଖକୁ ଆସି ସମସ୍ୟା ବୁଝୁଥିବାରୁ କୋରୁକୋଣ୍ଡା ଅଞ୍ଚଳବାସୀ ଏହି ମିଳିତ ଅଭିଯୋଗ ପ୍ରତିକାର ଶିବିରକୁ ବେଶ୍? ଉଚ୍ଚ ପ୍ରଶଂସା କରିଛନ୍ତି।

# ଗଞ୍ଜେଇ ସହ ବାଇକ ଜବତ, ମାଫିଆ ଫେରାର

ସୁବର୍ଣ୍ଣପୁର, ୮।୬ (ଆନିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଶୁଖା– କଲ୍ଲାକୁରା ରାସ୍ତା ମହୁଲପାଳି ଛକରେ ଗଞ୍ଜେଇ ଧରିଥିଲା । ସୂଚନ ମୁତାବକ ଆଜି ସକାଳେ ଡୁଙ୍ଗୁରିପାଲି ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଏକ ବାଇକ କୁ ପିଛା କରିଥିଲା । ଉକ୍ତ ବାଇକ୍ ରେ ହେଉଥିଲା ଗଞ୍ଜେଇ ଚୋରା ଚାଲାଣ ମାଡ଼ି ବସିଲା ପୋଲିସ ଶୁଖା –କଲ୍ଲାକୁରା ରାସ୍ତା ମହୁଲପାଳି ଛକରେ ବାଇକ ଛାଡ଼ି ଘଟଣାସ୍ଥଳ ରୁ ଦୁଇ ଜଣ ମାଫିଆ ଚମ୍ପଟ ମାରିଥିବା ବେଳେ ଗଞ୍ଜେଇ ଓ ବାଇକ କୁ ଜବତ କରିଛି ପୋଲିସ ରାମପୁର ଅତିରିକ୍ତ ତହସିଲଦାର ରୋହିତ କୁମାର ବାଗ ଙ୍କ ଉପସ୍ଥିତିରେ ଗଞ୍ଜେଇ ବ୍ୟାଗ ଖୋଲି ଥିଲେ । ତା ମଧ୍ୟରୁ ୨୧ ଗୋଟି ପ୍ୟାକେଟ୍ ଗଞ୍ଜେଇ ବାହାରି ଥିଲା ଯାହାକି ପ୍ରାୟ ୨୧ କେଜି ୩୦୦ ଗ୍ରାମ ହୋବ ବୋଲି ସୂଚନା ମିଳିଛି । ଡୁଙ୍ଗୁରିପାଲି ପୋଲିସ ଗଞ୍ଜେଇ ଓ ବାଇକ କୁ ଜବତ କରି ତଦନ୍ତ ଚଳାଇଛି ।

# କୋରାପୁଟ ଜିଲ୍ଲା ମାଛକୁଣ୍ଡରେ ୧୦୩ ବର୍ଷର ବାବା, ଦୀର୍ଘ ବର୍ଷ ଧରି ସାଧନାରେ ମଗ୍ନ

ଜୟପୁର,୮।୬ (ଆନିସ): ଆଧୁନିକ ଯୁଗରେ ଯେଉଁଠାରେ ଲୋକେ ବ୍ୟସ୍ତ ଜୀବନଶୈଳୀ ଓ ଭୌତିକ ସୁଖ ପଛରେ ଦୌଡ଼ୁଛନ୍ତି, ସେଠାରେ କୋରାପୁଟ ଜିଲ୍ଲାର ମାଛକୁଣ୍ଡ ଅଞ୍ଚଳରେ ଜଣେ ୧୦୩ ବର୍ଷୀୟ ବାବା ଦୀର୍ଘ ବର୍ଷ ଧରି ସାଧନା ଓ ତପସ୍ୟାରେ ଲୀନ ରହି ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ବୃଦ୍ଧ ସାଧୁ ଦୀର୍ଘ ଦଶନ୍ଧି ଧରି ମାଛକୁଣ୍ଡର ପ୍ରାକୃତିକ ପରିବେଶ ମଧ୍ୟରେ ରହି ଆଧ୍ୟାତ୍ମିକ ସାଧନା କରୁଛନ୍ତି। ବୟସ ୧୦୩ ବର୍ଷ ହୋଇଥିଲେ ମଧ୍ୟ ତାଙ୍କର ଦୈନନ୍ଦିନ ଜୀବନଶୈଳୀ ଓ ଧ୍ୟାନ-ସାଧନା ପ୍ରତି ନିଷ୍ଠା ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି। ବାବାଙ୍କୁ ଦେଖିବା ପାଇଁ ପ୍ରତିଦିନ ବହୁ ପର୍ଯ୍ୟଟକ ମାଛକୁଣ୍ଡ ଅଞ୍ଚଳକୁ ଆସୁଛନ୍ତି। ତାଙ୍କ ଜୀବନ ଶୈଳୀ, ସରଳତା ଓ ଆଧ୍ୟାତ୍ମିକ ଚିନ୍ତାଧାରା ଲୋକମାନଙ୍କୁ ଆକୃଷ୍ଟ କରୁଛି। ବିଶେଷକରି ଯୁବପିଢ଼ିଙ୍କୁ ସେ ନୈତିକ ମୂଲ୍ୟବୋଧ ଓ ପ୍ରକୃତି ସହ ଜଡିତ ରହିବାର ବାର୍ତ୍ତା ଦେଉଥିବା କୁହାଯାଏ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମାଛକୁଣ୍ଡ ଅଞ୍ଚଳରେ ବାବାଙ୍କ ଉପସ୍ଥିତି ଏହି ସ୍ଥାନକୁ ଏକ ଆଧ୍ୟାତ୍ମିକ ପରିଚୟ ମଧ୍ୟ ପ୍ରଦାନ କରିଛି। ତାଙ୍କ ଦୀର୍ଘାୟୁ ଓ ସାଧନାମୟ ଜୀବନ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଆଲୋଚନା ହେଉଥିବା ବେଳେ, ଅନେକ ଲୋକ ଏହାକୁ ଅଦ୍ଭୁତ ଓ ପ୍ରେରଣାଦାୟକ ଘଟଣା ଭାବେ ଦେଖୁଛନ୍ତି।

# ଏସବିଆଇ ମାଲକାନଗିରି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି,୮।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ଭାରତ ସରକାରଙ୍କ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ *ମାଙ୍କ ନାମରେ ଗୋଟିଏ ଗଛ* ଅଭିଯାନ ଅନ୍ତର୍ଗତ ୦୭/୦୬/୨୦୨୬ ତାରିଖରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ମାଲକାନଗିରି ଶାଖା ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା

ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ଶାଖାର ମୁଖ୍ୟ ପ୍ରବନ୍ଧକ ଶ୍ରୀ ବିନୋଦ କୁମାର ବିଷୋୟୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ ଏହା ବ୍ୟତୀତ ଉପ-ଶାଖା ପ୍ରବନ୍ଧକ ଶ୍ରୀ ଅଜିତ କୁମାର ଆଚାର୍ଯ୍ୟ, ଆରଏମ୍ଏସଏମ୍ଇ ଅଧିକାରୀ ଶ୍ରୀ ବୈଷ୍ଣବ ହାଁସଦା, କ୍ୟାସ ଅଫିସର ଶ୍ରୀ ନିର୍ମଳ କୁମାର ବେର୍ତ୍ତା, ଫିଲ୍ଡ଼ ଅଫିସର ଶ୍ରୀ ରୋହିତ କୁମାର ଟପ୍ପୋ,ଶ୍ରୀ ସବ୍ୟସାଚୀ ଦାସ ଏବଂ ମାଲକାନଗିରି ସରକାରୀ ମହାବିଦ୍ୟାଳୟର ୩ ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀମାନେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ

କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କ ପରିସରରେ ଗୋଟିଏ ଆମ୍ବ ଗଛ, ଗୋଟିଏ ପିଜୁଳି ଗଛ, ଦୁଇଟି ଓଉ ଗଛ ସମେତ ଅନ୍ୟାନ୍ୟ ଫଳଜ ଓ ଅନେକ ଛାୟାଦାୟୀ ବୃକ୍ଷ ରୋପଣ କରାଯାଇଥିଲା ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଆଗାମୀ ପୀଢ଼ି ପାଇଁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ କରିବା ଏହି

କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା

ମୁଖ୍ୟ ଅତିଥି ଡକ୍ଟର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ମୁଖ୍ୟବକ୍ତା ଶ୍ରୀ ବିଷୋୟୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଜଣାଇଥିଲେ

ଶେଷରେ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀମାନେ *ମାଙ୍କ ନାମରେ ଗୋଟିଏ ଗଛ* ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରି ପରିବେଶ ସୁରକ୍ଷାରେ ସାମିଲ ହେବା ପାଇଁ ସମସ୍ତ ନାଗରିକଙ୍କୁ ଆହ୍ୱାନ ଜଣାଇଥିଲେ

# ଗଞ୍ଜାମରେ ଭାରତୀ ବିଦ୍ୟାପୀଠ ୨୦୦୮ ବ୍ୟାଚର ବନ୍ଧୁମିଳନ

ଗଞ୍ଜାମ,୮।୬ (ଆନିସ): ଗଞ୍ଜାମ ସହର କଲେଜ ରୋଡ ସ୍ଥିତ ମା ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଭାରତୀ ବିଦ୍ୟାପୀଠ ୨୦୦୮ ବ୍ୟାଚ ମେଟ୍ରିକ୍ ଛାତ୍ରଙ୍କ ପକ୍ଷରୁ ଏକ ଭବ୍ୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୮ ବର୍ଷ ପରେ ପୁରୁଣା ସାଙ୍ଗମାନଙ୍କୁ ପାଖରେ ପାଇ ସମସ୍ତେ ବେଶ ଭାବବିହ୍ୱଳ ହୋଇପଡ଼ିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମା ବୁଢ଼ୀ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ର ମାନେ ସେମାନଙ୍କର ଅତୀତର ସ୍ମୃତି, ବିଦ୍ୟାଳୟ ଜୀବନର ସୁଖଦୁଃଖ ଓ ଶିକ୍ଷକମାନଙ୍କ ସ୍ନେହ-ଶାସନ ବିଷୟରେ ଆଲୋଚନା କରି ସ୍ମୃତି ଚାରଣ କରିଥିଲେ। ବର୍ତ୍ତମାନ ସମସ୍ତେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଥିବା ବେଳେ, ଏହି ମିଳନ ସେମାନଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱର ସମ୍ପର୍କକୁ ଆହୁରି ଦୃଢ଼ କରିଛି ବୋଲି ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମ ଶେଷରେ ଆଗାମୀ ଦିନରେ ବିଦ୍ୟାଳୟର ଉନ୍ନତି ଓ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ଏହି ମିଳନ ଉତ୍ସବରେ ୨୦୦୮ ବ୍ୟାଚର ଅନେକ ପୁରାତନ ଛାତ୍ର ଅଜିତ୍ ପାତ୍ର, ମାନସ ଆଚାର୍ଯ୍ୟ, ମୁକେଶ ବେଁଠାରୁ, ହର ପ୍ରସାଦ ବାରିକ,ଦେବାଶିଷ ମାଝୀ,ଅଖିଳ ତରାଇ,ସରୋଜ ସାହୁ, ତ୍ରିଲୋଚନ ରେଢ଼ୀ, କାହ୍ନୁ ପଣ୍ଡା,ପଦ୍ମନାଭ ବେହେରା, ସୋମନାଥ ରେଢ଼ୀ, ନାରାୟଣ ରେଢ଼ୀ ,ସ୍ୱାଗତ ଆଶିଷ ନାୟକ, ଶ୍ରଦ୍ଧାକର ପାଣିଗ୍ରାହୀ, ଜୟ ସନ୍ତୋଷ ସାହୁ,ଦୀପକ ଚଣ୍ଡ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ୧୦ ଦିନିଆ ଶିକ୍ଷା ଭିତ୍ତିକ କର୍ମଶାଳା

ଜୟପୁର,୮।୬ (ଆନିସ): ଜୟପୁର ଜୟନଗର ସ୍ଥିତ ପାଇକ ସାହିରେ ଥିବା ସାରସ୍ୱତ ବାଲ

## ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ

# ଏସଆଇଆରର ସଫଳ ରୂପାୟନ ପାଇଁ ସମୀକ୍ଷା ଓ ସମନ୍ୱୟ ବୈଠକ

ସୁନ୍ଦରଗଡ଼, ୦୮/୦୬(ଆନିସ): ସୁନ୍ଦରଗଡ଼ ଜିଲ୍ଲା ଭାଜପା କାର୍ଯ୍ୟାଳୟ ଭୋଜପୁର ଠାରେ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବି ଏଲ ଏ -୨, ଏସ ଆଇ ଆର ଜିଲ୍ଲା ଟୋଲୀ ଏବଂ ମଣ୍ଡଳ ଟୋଲୀ ସଦସ୍ୟମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଓ ସମନ୍ୱୟ ବୈଠକ ଜିଲ୍ଲା ଉପସଭାନେତ୍ରୀ, ପୂର୍ବତନ ସୁନ୍ଦରଗଡ଼ ବିଧାୟିକା ତଥା ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ବି ଏଲ ଏ -୧ କୁସୁମ ଟେଟେ ଏବଂ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଲୋକସଭା ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଏସ ଆଇ ଆର -୨୦୨୬ କାର୍ଯ୍ୟକ୍ରମର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏସ ଆଇ ଆର କାର୍ଯ୍ୟକ୍ରମ ଲୋକତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ସ୍ୱଚ୍ଛ ଓ ବିଶ୍ୱସନୀୟ କରିବାର ଏକ ଐତିହାସିକ ପଦକ୍ଷେପ। ପ୍ରତ୍ୟେକ ବି ଏଲ ଏ -୨, ବି ଏଲ ଏ -୨ ଏବଂ ଟୋଲୀ ସଦସ୍ୟ ଯଦି ନିଜ ଦାୟିତ୍ୱକୁ ନିଷ୍ଠା, ଶୃଙ୍ଖଳା ଓ ସମର୍ପଣର ସହିତ ପାଳନ କରନ୍ତି, ତେବେ ଏସ ଆଇ ଆର କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଅଭୂତପୂର୍ବ ସଫଳତା ହାସଲ କରିବ। ସେହିପରି କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣର ଐତିହାସିକ ଯାତ୍ରା, ରାଜ୍ୟ ସରକାରଙ୍କ ୨ ବର୍ଷର ସଫଳତା ତଥା ଆଗାମୀ ଆନ୍ତର୍ଜାତୀୟ ଯୋଗ ଦିବସ ସହ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଜନସହଭାଗିତାର ଏକ ମହା ଅଭିଯାନରେ ପରିଣତ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏକତ୍ରିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ବୈଠକରେ ଏସଡିସି ଅଧ୍ୟକ୍ଷ ସନ୍ତୋଷ ଅମାତ, ରାଉରକେଲା ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ବଟକିଶୋର ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ନିଜ ନିଜ ବକ୍ତବ୍ୟରେ ଏସ ଆଇ ଆର କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସାଙ୍ଗଠନିକ ଶକ୍ତି, ନିରନ୍ତର ସମୀକ୍ଷା ଓ କ୍ଷେତ୍ର ସ୍ତରୀୟ କାର୍ଯ୍ୟ କଳାପକୁ ଅଧିକ ଗତିଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ, ଜିଲ୍ଲା ସାଧାରଣ ସମ୍ପାଦକ ରୂପେଶ ପଟେଲ, ପୂର୍ବତନ ସ୍ୱଚ୍ଛ ଭାରତ ରାଜ୍ୟ ସହ-ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ପୂର୍ବତନ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପଟେଲ ଏବଂ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଖୁସବୁ ଯାଦବ ମଞ୍ଚାସୀନ ଥିଲେ। ଏଥିସହ ବହୁ ମଣ୍ଡଳ ସଭାପତି, ବି ଏଲ ଏ -୨, ଏସ ଆଇ ଆର ଜିଲ୍ଲା ଓ ମଣ୍ଡଳ ଟୋଲୀ ସଦସ୍ୟ, ରାଜ୍ୟ, ଜିଲ୍ଲା ପଦାଧିକାରୀ ଏବଂ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ଭାଜପାରେ ସାମିଲ ହେଲେ ପୂର୍ବତନ ବିଜେଡି ବ୍ଲକ୍ ସଭାପତି କେଶବ

ସୁନ୍ଦରଗଡ଼ : ୦୮/୦୬(ଆନିସ): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଲୋକସଭା ସାଂସଦ ଜୁଏଲ ଓରାମଙ୍କ ଉପସ୍ଥିତିରେ ବାଲିଶଙ୍କରା ଅଞ୍ଚଳର ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ ବିଜେଡି ବ୍ଲକ୍ ସଭାପତି କେଶବ ରଣା ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ଦଳୀୟ ଉତ୍ତରୀୟ ପ୍ରଦାନ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ତାଙ୍କୁ ଦଳକୁ ସ୍ୱାଗତ ଜଣାଇଥିଲେ। କେଶବ ରଣା ସ୍ୱର୍ଗତ କୁଶଧର ରଣାଙ୍କ କନିଷ୍ଠ ପୁତ୍ର। ସ୍ୱର୍ଗତ କୁଶଧର ରଣା ବିଶ୍ୱ ହିନ୍ଦୁ ପରିଷଦର ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ଭାବେ ଦୀର୍ଘ ବର୍ଷ ଧରି ସାମାଜିକ, ସାଂସ୍କୃତିକ ଓ ଜାତୀୟ ଚେତନାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ତାଙ୍କର ସେହି ଆଦର୍ଶ ଓ ସେବା ଭାବର ଉତ୍ତରାଧିକାରୀକୁ ଆଗେଇ ନେଇ ଶ୍ରୀ ରଣା ଜନସେବା ଏବଂ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟ ନେଇ ଭାଜପାରେ ସାମିଲ ହୋଇଥିବା ମତ ପ୍ରକାଶ କରିଥିଲେ।ଯୋଗଦାନ ଅବସରରେ ଶ୍ରୀ ରଣା କହିଥିଲେ ଯେ, ଦେଶର ସର୍ବାଙ୍ଗୀଣ ବିକାଶ, ରାଷ୍ଟ୍ରବାଦୀ ଚିନ୍ତାଧାରା ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଚାଲିଥିବା ଜନକଲ୍ୟାଣମୂଳକ ଓ ଗରିବ କଲ୍ୟାଣ ଯୋଜନା ତାଙ୍କୁ ଗଭୀର ଭାବେ ପ୍ରେରିତ କରିଛି। ସେହି ଆଦର୍ଶ ଓ ବିକାଶମୂଳକ ଦୃଷ ଭଙ୍ଗୀ ପ୍ରତି ଆସ୍ଥା ପ୍ରକାଶ କରି ସେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିବା କହିଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କେଶବ ରଣାଙ୍କ ଭଳି ଜଣେ ଅଭିଜ୍ଞ, ସମାଜସେବୀ ଓ ସଂଗଠନ ଦକ୍ଷ ବ୍ୟକ୍ତିଙ୍କ ଭାଜପାରେ ଯୋଗଦାନ ଦଳକୁ ଅଧିକ ସୁଦୃଢ଼ କରିବା ତାଙ୍କର ସାମାଜିକ ଅଭିଜ୍ଞତା ଓ ଜନସମ୍ପର୍କ ଦଳର ସାଙ୍ଗଠନିକ ବିସ୍ତାର ଏବଂ ଜନସେବା କାର୍ଯ୍ୟକ୍ରମକୁ ନୂତନ ଗତି ପ୍ରଦାନ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

# ନୟାଗଡ଼ ରୋଟାରୀ କ୍ଲବ ପରିଦର୍ଶନ କଲେ ଜିଲ୍ଲା ଗଭର୍ଣ୍ଣର ମନୋଜ ତ୍ରିପାଠୀ

## ବିଭିନ୍ନ ବିଭାଗର ନିଷ୍ଠାପର କର୍ମଚାରୀ ଓ ଜିଲ୍ଲା ଟପ୍ପର ସମ୍ବର୍ଦ୍ଧିତ

ନୟାଗଡ଼, ୮।୬ (ଆନିସ): ନୟାଗଡ଼ ରୋଟାରୀ କ୍ଲବ୍ ପରିଦର୍ଶନ କଲେ ୩୨୬୨ ଜିଲ୍ଲା ଗଭର୍ଣ୍ଣର ରୋଟାରୀଆନ ମନୋଜ କୁମାର ତ୍ରିପାଠୀ। ତାଙ୍କ ସହିତ ଥିଲେ ପ୍ରଥମ ମହିଳା ତଥା ଇନରହ୍ୱିଲ ଚେୟାରମ୍ୟାନ ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀ । ଏହି ଅବସରରେ ରୋଟାରୀ କ୍ଲବ୍ ସଭାପତି ରୋଟାରିଆନ୍ ବସିରନ୍ ବିବିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଗଭର୍ଣ୍ଣର ଶ୍ରୀଯୁକ୍ତ ତ୍ରିପାଠୀ ମଞ୍ଚାସୀନ ହୋଇ ରୋଟାରୀ କ୍ଲବ୍ ନୟାଗଡ଼ର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଗୁଡିକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କ୍ଲବ୍ ସେବା କ୍ଷେତ୍ରରେ ଓଡିଶାର ଏକ ଅଗ୍ରଣୀ କ୍ଲବ୍ ଭାବେ ନିଜର ପରିଚୟ ସୁଷ୍ଠି କରିପାରିଛି ବୋଲି କହିଥିଲେ। ରୋଟାରୀ କ୍ଲବ୍ ର ଫିଜିଓଥେରାପି କେନ୍ଦ୍ର ଓ ଆୟୁଲାବ୍ସର ଉପଯୋଗିତା ସହିତ ବୃକ୍ଷ ରୋପଣ, ଓଡ଼ିଆ ସାମ୍ବାଦିକତା ଦିବସ, ରାଷ୍ଟ୍ରନିର୍ମାତା ସମ୍ମାନ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଏବଂ ସର୍ବେପରି ସକ୍ଷମ - ୬ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଆଦି ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ କ୍ଲବ୍ ସଂପାଦକ ରୋଟାରିଆନ୍ ଅବିନାଶ ସାହୁ ପ୍ରଦାନ କରିଥିଲେ।

ସରକାରୀ ଚାକିରି କରି ସମାଜର ନିମ୍ନ ସ୍ତରରେ ଉପଯୁକ୍ତ ସେବା ଯୋଗାଉଥିବା ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଧିକାରିଣୀ ଶ୍ରୀମତୀ କମଳା ଦେଇ , ହୋମଗାର୍ଡ ଶ୍ରୀଯୁକ୍ତ ନିରଞ୍ଜନ ମହାନ୍ତି ,ହାବିଲଦାର ଶ୍ରୀଯୁକ୍ତ ପ୍ରଶାନ୍ତ ବରାଡ, କନଷ୍ଟେବଳ ଶ୍ରୀଯୁକ୍ତ ଗୋପବନ୍ଧୁ ବିଶ୍ୱାଳ , ଟ୍ରାଫିକ କନଷ୍ଟେବଳ ଶ୍ରୀଯୁକ୍ତ ପ୍ରଜ୍ଞାନନ୍ଦ ପଣ୍ଡା, ଫାୟାର ମ୍ୟାନ୍ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ପୌରପରିଷଦର ସୁଇପର ବିକାଶ ଗୋଛାୟତଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମିମେଣ୍ଟୋ ଦେଇ ସମ୍ମାନିତ କରାଯାଇଥିଲା। କ୍ଲବ୍ ର ବରିଷ୍ଠ ସଦସ୍ୟ ଓ ନିଷ୍ଠାପର ଭାବେ କାର୍ଯ୍ୟ କରୁଥିବା ସଦସ୍ୟ ମାନଙ୍କୁ ଜିଲ୍ଲା ଗଭର୍ଣ୍ଣର ଗୋଲାପ ଫୁଲ ଓ ଉତ୍ତରୀୟ ଦେଇ ଉତ୍ସାହିତ କରିଥିଲେ।

ନୟାଗଡ଼ ଜିଲ୍ଲା ର ଯୁକ୍ତ ଦୁଇ ବିଜ୍ଞାନ ସିବିଏସଇ ଟପ୍ପର ଅର୍ଘ୍ୟ ଅନୁରାଗ , ଦଶମ ଶ୍ରେଣୀ ସିବିଏସଇ ଜିଲ୍ଲା ଟପ୍ପର ଆଶୀର୍ବାଦ ମାର୍ଥା ଏବଂ ଯୁକ୍ତ ଦୁଇ ବାଣିଜ୍ୟ ଟପ୍ପର ନୂପୁର ଅଗ୍ରୱାଲ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏଥି ସହ କ୍ଲବର ଆୟୁଲାବ୍ସ ଓ ଫିଜିଓ ଥେରାପୀରେ କାର୍ଯ୍ୟରତ ୮ ଜଣ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇନରହ୍ୱିଲ୍ କ୍ଲବ୍ ର ସଦସ୍ୟା, ବରିଷ୍ଠ ନାଗରିକ ମଞ୍ଚ, ଭାରତ ବିକାଶ ପରିଷଦ ,ସମର୍ପଣ, ସିଭିଲ ସୋସାଇଟି ଆଦି ବହୁ ସାମାଜିକ ଅନୁଷ୍ଠାନର ସଦସ୍ୟ ମାନେ ଉପସ୍ଥିତ ଥିଲେ। ପୂର୍ବତନ ସଭାପତି ପ୍ରବୀର୍ ପୃଷ୍ଟି ମଞ୍ଚ ସଂଯୋଜନା କରିଥିବା ବେଳେ କ୍ଲବ୍ ସଦସ୍ୟ ରୋଟାରିଆନ ଦେବାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃତ୍ତାଙ୍ଗ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ଯଥାଶୀଘ୍ର ଶେଷ କରିବାକୁ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ଦାବି

ନୟାଗଡ଼, ୮/୬(ଆନିସ): ନୟାଗଡ଼ ଜିଲ୍ଲାର ବହୁ ପ୍ରତୀକ୍ଷିତ ବୃତ୍ତାଙ୍ଗ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଏହି ବିଶେଷ ଅନୁରୋଧ ପତ୍ର ପ୍ରେରଣ କରାଯାଇଛି।

ସୂଚନାଯୋଗ୍ୟ ଯେ, ଦଶପଲ୍ଲା ବ୍ଲକ୍ ଟାକେରା ପଞ୍ଚାୟତର ମଞ୍ଜରୀ ଗ୍ରାମ ନିକଟରେ ବହୁ ପ୍ରତିଷ୍ଠିତ ବୃତ୍ତାଙ୍ଗ ନଦୀ ଉପରେ ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ପ୍ରାୟ ୧୬୫୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ବୃହତ ପ୍ରକଳ୍ପଟି ବର୍ତ୍ତମାନ କ୍ୟାବିନେଟ୍ ମଞ୍ଜୁରୀ ଅପେକ୍ଷାରେ ରହିଛି। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ୨୩,୩୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବା ସହିତ ୧୦ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ ବୋଲି ଆକଳନ କରାଯାଇଛି।

ଏହି ସମ୍ପର୍କରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ଏକ ପ୍ରତିନିଧି ଦଳ, ସ୍ଥାନୀୟ ଜନନେତା ଓ ବୁଦ୍ଧିଜୀବୀମାନେ ପ୍ରକଳ୍ପର ଅଗ୍ରଗତି ନେଇ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି। ସମଗ୍ର ଚାଷୀ କୂଳର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଯଥାଶୀଘ୍ର ଏହାର ଶିଳାନ୍ୟାସ କରାଯିବା ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ସଂଘ ତରଫରୁ ବିନମ୍ର ନିବେଦନ କରାଯାଇଛି। ଏହି ସ୍ମାରକପତ୍ରରେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ ଏବଂ ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର ଦସ୍ତଖତ କରିଥିବା ବେଳେ ପ୍ରତାପ ନନ୍ଦ, ସଭାପତି, ସିନିୟର ସିଟିଜେନ୍ସ ଆସୋସିଏସନ,ବିଜେପି ନେତା ସନ୍ତୋଷ ପ୍ରଧାନ, ଜୟ ନୟାଗଡ଼ ଫାଉଣ୍ଡେସନର ସଭାପତି ଶେଖ୍ ଅବଦୁଲ ଆହାଦଙ୍କ ସମେତ ସାମ୍ବାଦିକ ଲୋକନାଥ ମିଶ୍ର,ଉତ୍ପଳ ସାହୁ, ସୁଧାକର ମିଶ୍ର, ଗୋକୁଳ ଷଡ଼ଙ୍ଗୀ,ବିକ୍ରମ ସ୍ୱାଇଁ,ଜିତୁନ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜଗତସିଂହପୁର ଦ୍ୱାରା ବିଶ୍ୱ ପରିବେଶ ଦିବସ

ଜଗତସିଂହପୁର ,୮।୬ (ଆନିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ବିଭୁ ପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ହାଟ ବଜାର ସ୍ଥିତ ଶିଶୁ ଆଶ୍ରମ ଠାରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇ ଯାଇଛି । ଏହି ଅବସରରେ ବନ ବିଭାଗର ସହଯୋଗ କ୍ରମେ ଶିଶୁ ଆଶ୍ରମ ପରିସରରେ ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା ଏବଂ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ଅତିଥି ପରିଚୟ ପ୍ରଦାନ କରିବା ସହିତ ନିଜର ଅଭିଭାଷଣ ରେ ପ୍ରକୃତିର ଭାରସାମ୍ୟ ରକ୍ଷିବାକୁ ହେଲେ ଯଥେଷ୍ଟ ସଂଖ୍ୟକ ବୃକ୍ଷ ରୋପଣ କରିବାକୁ ପଡିବ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲା ଜଜ ଶ୍ରୀ ବିଭୂପ୍ରସାଦ ପଣ୍ଡା ବୃକ୍ଷଠାରୁ ମିଳୁଥିବା ବିଭିନ୍ନ ଉପକାରକୁ ଉଦାହରଣ ମାଧ୍ୟମରେ ବିସ୍ତୃତ ଭାବରେ ଅଲୋଚନା କରିଥିଲେ । ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ସ୍ୱାଇଁ ନିଜର ଅଭିଭାଷଣ ରେ କହିଥିଲେ ଯେ ଯେଉଁ ପରିମାଣରେ ବୃକ୍ଷ କଟାଯାଉଛି ପରିବେଶ ଆସନ୍ତୁଳନ ହେବାର ଆଶଙ୍କା ରହିଛି ତେଣୁ ବୃକ୍ଷ ରୋପଣ କରାଯିବ ଉଚିତ । ପରିବାର ଅଦାଲତ ବିଚାରପତି ଶ୍ରୀମତୀ ରଶ୍ମିତା ଦଲାଇ, ସି.ଜି.ମ. ଶ୍ରୀ ନରୋତ୍ତମ ସେଠି, ସବଜଜ ଶ୍ରୀ ରାକେଶ ମୁଦୁଲି, ଜେ.ମ.ଫ.ସି. ଶ୍ରୀ ଅଙ୍କିତ ଦେଓ୍ୱଗନ, ଜଗତସିଂହପୁର ଓକିଲ ସଂଘ ସମ୍ପାଦକ ସରୋଜ ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ ଏବଂ ପିଲାମାନେ ଉପସ୍ଥିତ ଥିଲେ । ପରିଶେଷରେ ଶିଶୁ ଆଶ୍ରମର ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦଯାପନ କରାଯାଇଥିଲା ।

# ଜିଲ୍ଲାରେ ଅର୍ଦ୍ଧେକରୁ ଅଧିକ ମତଦାତାଙ୍କୁ ଏସଆଇଆର୍ ଫର୍ମ ବଣ୍ଟନ ଶେଷ

ଜଗତସିଂହପୁର, ୮।୬ (ଆନିସ): ଜଗତସିଂହପୁର ଜିଲ୍ଲାରେ ଚଳିତ ବର୍ଷ ମଇ ୩୦ ତାରିଖରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା। ଜିଲ୍ଲାରେ ନିୟୋଜିତ ଥିବା ବ୍ଲକ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଏବଂ ରାଜନୈତିକ ଦଳ ପକ୍ଷରୁ ନିୟୋଜିତ ବୁଥ ସ୍ତରୀୟ ଏଜେଣ୍ଟ, ସ୍ୱେଚ୍ଛାସେବୀମାନେ ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଜନସାଧାରଣଙ୍କୁ ଫର୍ମ ପୂରଣରେ ବିଏଲଓ ମାନେ ସହଯୋଗ କରୁଛନ୍ତି। ଜିଲ୍ଲାରେ ମୋଟ ୯,୬୪,୩୦୧ ଜଣ ଭୋଟର ଅଛନ୍ତି। ଏହି ପରିପ୍ରେକ୍ଷୀରେ ୮ ଜୁନ୍ ୨୦୨୬ ସୁଦ୍ଧା ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୬,୪୯,୬୫୮ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏବେ ସୁଦ୍ଧା ୬୭.୩୭ ପ୍ରତିଶତ ମତଦାତାଙ୍କ ଫର୍ମ ବଣ୍ଟନ ହୋଇ ଏସଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ୧୦୧ ପାରା.ଦ୍ୱୀପ ରେ ୧୫୧୪୫୮(୬୯.୦୯%), ୧୦୨ ତିର୍ତ୍ତୋଲ ରେ ୧୭୫୯୪୫(୬୯.୪୩%), ୧୦୩ ବାଲିକୁଦ। ଏରସମା ରେ ୧୬୧୨୭୪(୫୯.୪୫%), ୧୦୪ ଜଗତସିଂହପୁର ରେ ୧୬୦୯୮୧(୭୩.୦୫%), ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥ ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଜେ ସୋନାଲ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଜୁନ୍ ୨୮ ଯାଏଁ ଏହି ଫର୍ମ ପୂରଣ ପ୍ରକ୍ରିୟା ଚାଲିବ। ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ହେବ। ଭୋଟର ତାଲିକାକୁ ନିର୍ଭୁଲ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଏହି ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି।

# ଭଞ୍ଜନଗର ପାଇଛେଲିଆ ଜଙ୍ଗଲରୁ ମିଳିଲା ହାତୀ ଛୁଆ କଙ୍କାଳ

ଭଞ୍ଜନଗର: ଗଞ୍ଜାମଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ବନାଞ୍ଚଳର ଗାୟଗଣ୍ଡା ନିକଟସ୍ଥ ପାଇଛାଲିଆ ଜଙ୍ଗଲ ଭିତରୁ ସୋମବାର ଏକ ହାତୀ ଛୁଆର କଙ୍କାଳ ବନ ବିଭାଗ ଜବତ କରିଛି। ପ୍ରାୟ ଦୁଇମାସ ପୂର୍ବେ ହାତୀଟିର ମୃତ୍ୟୁଘଟିଥିବା ବନ ବିଭାଗର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଗତକାଲି (ରବିବାର), ଜଙ୍ଗଲ ନିକଟସ୍ଥ ଏକ ଗ୍ରାମର ଜଣେ ଛେଳିଚରାଳ